ବର୍ଷ-୨୫, ସଂଖ୍ୟା-୩୦୯
ଭୁବନେଶ୍ୱର
୨୧, ନଭେମ୍ବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 309
Bhubaneswar
21, November, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ହିନ୍ଦି ମ୍ୟୁଜିକ୍ ଆଲବମ୍‌ରେ ସୂର୍ଯ୍ୟମୟୀ



# ବିହାରରେ ପୁଣି ନୀତିଶ ରାଜ୍

ପାଟନା, ୨୦।୧୧ (ମହାଭାରତ): ପାଟନାର ଐତିହାସିକ ଗାନ୍ଧୀ ମଇଦାନରେ ଗୁରୁବାର ପୂର୍ବାହ୍ନ ୧୧:୩୦ ସମୟରେ ବିହାରର ନବନିର୍ବାଚିତ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ ନୀତିଶ କୁମାରଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଜେପି ପକ୍ଷରୁ ସମ୍ରାଟ ଚୌଧୁରୀ – ମୁଙ୍ଗେର, ବିଜୟ ସିହ୍ନା – ଲଖିଇସରାୟ, ଦିଲୀପ ଜୈସୱାଲ – କିଶାନଗଞ୍ଜ, ମଙ୍ଗଲ ପାଣ୍ଡେ – ସିୱାନ୍, ନିତିନ ନବୀନ – ପାଟନା, ସୁରେନ୍ଦ୍ର ମେହେଟ୍ଟା – ବେଗୁସରାଇ, ସଞ୍ଜୟ ଟାଇଗର – ଆରା, ଲାଖେନ୍ଦ୍ର ପାସୱାନ୍ – ବୈସାଲି, ଶ୍ରେୟାସୀ ସିଂ – ଜମୁଇ, ଅରୁଣ ଶଙ୍କର ପ୍ରସାଦ – ମଧୁବାନୀ, ରାମ କ୍ରିପାଲ ଯାଦବ – ପାଟନା, ରମା ନିଶାଦ – ଅରାଇ, ନାରାୟଣ ପ୍ରସାଦ – ନୌତନ, ପ୍ରମୋଦ କୁମାର ଚନ୍ଦ୍ରଭାନ୍ସି – ଔରଙ୍ଗାବାଦ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଜେଡିୟୁ କୋଟା, ସେମାନଙ୍କ ଜାତି ଏବଂ ବିଧାନସଭା ଆସନରୁ ମନ୍ତ୍ରୀଙ୍କ ତାଲିକା ମଧ୍ୟରେ ଅଶୋକ ଚୌଧୁରୀ – ପାଟନା, ଲେସି ସିଂ – ପୂର୍ଣ୍ଣିଆ, ସୁନୀଲ କୁମାର – ଗୋପାଳଗଞ୍ଜ, ବିଜୟେନ୍ଦ୍ର ପ୍ରସାଦ ଯାଦବ – ସୁପଲ, ଶ୍ରାବଣ କୁମାର – ନାଳନ୍ଦା, ବିଜୟ ଚୌଧୁରୀ – ସରାୟରଜନ, ମଦନ ସାହନି – ବାହାଦୁରପୁର ଓ ଜାମା ଖାନ – ଚେନପୁର ରହିଛନ୍ତି।

ଲେଜପା (ଆର)ର ସଂଜୟପାସୱାନ୍ – ବଖ୍ରି ଓ ସଞ୍ଜୟ ସିଂ – ମହୁଆ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି। ଏଥିସହ ଗାମାର ଜଣେ ଦଳିତ ହମର ସାନ୍ତୋଷ

**ନୀତିଶଙ୍କ ସମେତ ୨୬ ମନ୍ତ୍ରୀଙ୍କ ଶପଥ ଗ୍ରହଣ**

କୁମାର ସୁମନଙ୍କୁ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି ଏବଂ କୁଶୱାହା ଆରଏଲଏମ୍ର ଦୀପକ ପ୍ରକାଶଙ୍କୁ ଅଣ-ନିର୍ବାଚିତ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି।ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନଡିଏ) କ୍ୟାବିନେଟରେ ବ୍ରାହ୍ମଣ, କାୟାସ୍ଥ, ମୁସଲମାନ ଏବଂ ଇବିସି ସମ୍ପ୍ରଦାୟର ଜଣେ ମନ୍ତ୍ରୀଙ୍କ ସହିତ, ଚାରି ରାଜପୁତ, ତିନି କୁଶୱା, ଦୁଇ ଭୁମିହାର, ଦୁଇ କୁର୍ମି, ଦୁଇ ଯାଦବ, ଦୁଇଟି ବୈଷ୍ଣବ ଏବଂ ଦୁଇଟି ମଲ୍ଲିକ ଅନ୍ତର୍ଭୁକ୍ତ।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ମନ୍ତ୍ରୀ ଜେପି ନାଡା, ଶିବରାଜ ସିଂ ଚୌହାନ, ଧର୍ମେନ୍ଦ୍ର ପ୍ରଧାନ, ଜିତନ ରାମ ମାଝୀ, ରାଜୀବ ରଂଜନ ସିଂ, ଚିରାଗ ପାସୱାନ୍, ଅର୍ଜୁନ ରାମ ମେଘୱାଲ, ଅନୁପ୍ରିଆ ପଟେଲ, ଜେଡିୟୁ କାର୍ଯ୍ୟକାରୀ ରାଷ୍ଟ୍ର ସଭାପତି ଶପଥ ଗ୍ରହଣ ସମାରୋହରେ କୁଶୱାହା ଉପସ୍ଥିତ ଥିଲେ। ଏଥିସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭବନ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ସାରମା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ସାହା, ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉତରପ୍ରଦେଶର ଅନ୍ୟ ମୁଖ୍ୟମନ୍ତ୍ରୀ ସାଂସଦ, ନବ ନିର୍ବାଚିତ ବିଧାୟକ, ଏମଏଲସି, ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ କର୍ମୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ଶସ୍ତାରେ ଘର ଯୋଗାଇବେ ସରକାର

ଭୁବନେଶ୍ୱର, ୨୦।୧୧ (ମହାଭାରତ): ରାଜ୍ୟ ସରକାର ସୁଲଭ ମୂଲ୍ୟରେ ରାଜଧାନୀରେ ଘର ଯୋଗାଇବେ । ୧୪ ରୁ ୫୦ ଲକ୍ଷ ଟଙ୍କାରେ ଘର ଯୋଗାଇଦିଆଯିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ, ଏଥିପାଇଁ ପାଇଲଟ ପ୍ରୋଜେକ୍ଟ ଜରିଆରେ ୯୦ ଟି ଘର ତିଆରି ହୋଇଛି । ଏହି ଘର ଗୁଡିକ ୨ ବିଏଚକେ ରହିଛି । ପ୍ରାଥମିକତା ଭିତ୍ତିରେ ପ୍ରଥମେ ବସ୍ତି ବାସିନ୍ଦାଙ୍କୁ ଘର ଦିଆଯିବ । ଅଧିକରୁ ଅଧିକ ସାଧାରଣ ଲୋକଙ୍କୁ ଘର ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି। ବାକି ଘର ପାଇଁ ମଧ୍ୟ ଡିଜାଇନ ପ୍ରସ୍ତୁତ ହୋଇଛି । ଏ ପ୍ରୋଜେକ୍ଟ କେତେ ଫଳପ୍ରଦ ହେବ ସେ ଅନୁଯାୟୀ ପରେ ଏହାର କାର୍ଯ୍ୟ ବିସ୍ତାର କରାଯିବ ବୋଲି ସେ କହିଛନ୍ତି ।

## କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବନାହିଁ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୦।୧୧ (ମହାଭାରତ):** ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କୁ ବିଧେୟକ ମଞ୍ଜୁରୀ ପାଇଁ ସମୟସୀମା ସ୍ଥିର କରିବା ପ୍ରସଙ୍ଗରେ ଦୀର୍ଘ ଶୁଣାଣି ପରେ ଆଜି ସୁପ୍ରିମକୋର୍ଟ ତାଙ୍କ ରାୟ ଦେଇଛନ୍ତି। ବିଧାୟକଙ୍କ ଦ୍ୱାରା ପାରିତ ବିଲ୍‌କୁ ଅନୁମୋଦନ ଦେବା ପାଇଁ ରାଜ୍ୟପାଳଙ୍କ ଆଗରେ କୌଣସ ସୀମା ଧାର୍ଯ୍ୟ କରାଯାଇ ପାରିବ ନାହିଁ। ସମାନ ନିୟମ ରାଷ୍ଟ୍ରପତିଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଅର୍ଥାତ ବିଲ୍‌କୁ ଅନୁମୋଦନ ପାଇଁ ରାଷ୍ଟ୍ରପତିଙ୍କ ଆଗରେ ମଧ୍ୟ କୌଣସି ସୟମ ସୀମା ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ।



କିନ୍ତୁ ଦୀର୍ଘ ସମୟ ଧରି କୌଣସି ପ୍ରକାରର ନିଷ୍କ୍ରିୟତା ନ୍ୟାୟିକ ସମୀକ୍ଷାକୁ ଆମନ୍ତ୍ରିତ କରିପାରେ। ନ୍ୟାୟାଳୟ ଉଚିତ ସମୟ ସୀମା ମଧ୍ୟରେ ବିଲ ଉପରେ ନିର୍ଣ୍ଣୟ କରିବାକୁ କହିପାରିବେ ବୋଲି ଆଜି ସୁପ୍ରିମକୋର୍ଟ କହିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇଙ୍କ ନେତୃତ୍ୱାଧୀନ ୫ ଜଣିଆ। ସାମ୍ବିଧାନିକ ଖଣ୍ଡପୀଠ ଏ ସଂକ୍ରାନ୍ତ ଆବେଦନର ଶୁଣାଣି ବେଳେ ଏପରି ରାୟ ଦେଇଛନ୍ତି। ବିଲ୍ ଉପରେ ରାଜ୍ୟପାଳଙ୍କ ନିଷ୍ପତ୍ତି କ୍ଷମତା ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଚାରିଥିବା ସ୍ୱତନ୍ତ୍ର ପ୍ରଶ୍ନର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏପରି ନିଷ୍କର୍ଷରେ ପହଞ୍ଚିଛନ୍ତି।

ନିଜର ମତ ସ୍ପଷ୍ଟ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ବିଲ୍ ଉପସ୍ଥାପନ କରାଯିବା ସମୟରେ ଜଣେ ରାଜ୍ୟପାଳଙ୍କ ପାଖରେ ୩ଟି ବିକଳ୍ପ ରହିଥାଏ। ବିଲକୁ ଅନୁମୋଦନ କରିବା, ବିଲକୁ ରାଷ୍ଟପତିଙ୍କ ପାଖକୁ ପଠାଇବା କିମ୍ବା ବିଧାନସଭାକୁ ପୁଣି ଏହାକୁ ଫେରସ୍ତ କରିବା ଭଳି ୩ଟି ବିକଳ୍ପ ରାଜ୍ୟପାଳଙ୍କ ପାଖରେ ରହିଛି। ଏହି ୩ ବିକଳ୍ପରୁ ବିବେକ ଅନୁସାରେ ଯେକୌଣସି ଗୋଟିଏକୁ ରାଜ୍ୟପାଳ ବାଛିବାର କ୍ଷମତା ପାଇଛନ୍ତି।ରାଜ୍ୟପାଳଙ୍କ ନିଷ୍ପତ୍ତି ଉପରେ ହେଉଥିବା ବିତର୍କରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ ରାଜ୍ୟପାଳମାନେ ଅନିର୍ଦ୍ଦିଷ୍ଟ କାଳ ଯାଏ କୌଣସି ବିଲକୁ ଅଟକାଇ ରଖି ପାରିବେ ନାହିଁ ଲମ୍ବା ସମୟ ଧରି, ଅସ୍ପଷ୍ଟ ଓ ଅନିର୍ଦ୍ଦିଷ୍ଟ ସମୟ ପାଇଁ ନିଷ୍କ୍ରିୟତା ପରସ୍ଥିତିରେ ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ। ତେବେ ଏପରି ହସ୍ତକ୍ଷେପ ସୀମିତ କୋର୍ଟ କେବଳ ରାଜ୍ୟପାଳଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେବାକୁ କହିପାରିବେ। ନିଷ୍କ୍ରିୟତାର ବୈଧତା ଉପରେ କୌଣସି ମତାମତ କୋର୍ଟ ଦେଇପାରିବେ ନାହିଁ।

କୋର୍ଟ କେବେ ହେଲେ କୌଣସି ସାମ୍ବିଧାନିକ ପଦାଧିକାରୀଙ୍କ ପାଇଁ କଠୋର ସମୟସୀମା ଧାର୍ଯ୍ୟ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ମତ ରଖିଛନ୍ତି। ରାଜ୍ୟପାଳଙ୍କ ବିବେକାଧିକାର ଉପରେ ସାମ୍ବିଧାନିକ ସୀମା ଉପରେ ଜୋର ଦେଇ ଖଣ୍ଡପୀଠ କହିଛନ୍ତି ଯେ ବିଲକୁ ଏକତରଫା ଭାବେ ଅଟକାଇବା ସଂଘୀୟ ବ୍ୟବସ୍ଥାର ଉଲ୍ଲଙ୍ଘନ ଧାରା ୨୦୦କୁ ଯଦି ରାଜ୍ୟପାଳ ଅନୁସରଣ କରିବେ ନାହିଁ, ତାହେଲେ ଏହା ସଂଘୀୟ ବ୍ୟବସ୍ଥାର ସ୍ୱାର୍ଥ ବିରୋଧୀ ହେବ।ତାମିଲନାଡୁ ରାଜ୍ୟପାଳ ଆରଏନ ରବି ଡିଏମକେ ସରକାର ପକ୍ଷରୁ ବିଧାନସଭାରେ ପାରିତ ହୋଇଥିବା ଏକାଧିକ ବିଲକୁ ଦୀର୍ଘ ସମୟ ଧରି ଅଟକାଇ ରଖିଥିବାରୁ ବିବାଦ ଦେଖାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଏପ୍ରି ୮ରେ ସର୍ବୋଚ୍ଚ ଅଦାଲତ ରାଜ୍ୟପାଳଙ୍କୁ ବିଲକୁ ଅନୁମୋଦନ ଦେବାକୁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। କିନ୍ତୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା ଉପରେ ପ୍ରଶ୍ନ ଉଠାଇ ସମ୍ବିଧାନର ଧାରା ୧୪୩(୧) ଅନୁସାରେ ସୁପ୍ରିମକୋର୍ଟଙ୍କୁ ଚିଠି କରିଥିଲେ। ବିଲ ଉପରେ ନିଷ୍ପତ୍ତି ନେବାକୁ କୋର୍ଟ କଣ ରାଷ୍ଟପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିପାରିବେ ବୋଲି ରାଷ୍ଟ୍ରପତି ମୁର୍ମୁ ପ୍ରଶ୍ନ କରିଥିଲେ।

## ଲଘୁଚାପ ପ୍ରଭାବରେ ବର୍ଷା ଭୟ

ଭୁବନେଶ୍ୱର, ୨୦।୧୧ (ମହାଭାରତ): ଅକ୍ଟୋବରରେ ଗୋଟିଏ ବାତ୍ୟା ପ୍ରଭାବରୁ ବର୍ତ୍ତି ଯାଇଥିବା ଓଡ଼ିଶାକ ଏବେ ଆଉ ଏକ ଭୟ। ଶୀତଦିନରେ ଘାରିଲାଣି ବର୍ଷାର ଭୟ, ଛାନିଆ ହେଲେଣି ଚାଷୀ। ଆସନ୍ତା ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ଆସୁଛି ଲଘୁଚାପ । ଯଦିଓ ବାତ୍ୟା ନେଇ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ, ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଶୀତଦିନରେ ଲଘୁଚାପକୁ ନେଇ ସମସ୍ତେ ଛାନିଆ ବଙ୍ଗୋପସାଗରରେ ଆଜି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୨୨ ତାରିଖ ବେଳକୁ ଲଘୁଚାପ, ୨୪ରେ ଅବପାତ ଓ ପରବର୍ତ୍ତୀ ୩ ଦିନ ମଧ୍ୟରେ ଅଧିକ ଘନୀଭୂତ ହେବା ପାଇଁ ପାଗ ଅନୁକୂଳ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବା ସମ୍ଭାବନା ରହିଛି।ବାତ୍ୟାର ସମ୍ଭାବ୍ୟ ଗତିପଥ ନେଇ କୌଣସି ସ୍ପଷ୍ଟତା ଏବେ ସୁଦ୍ଧା ପାଣିପାଗ ବିଭାଗ ସ୍ପଷ୍ଟ କରିନାହିଁ। ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନ ଅନୁସାରେ, ସମ୍ଭାବ୍ୟ ବାତ୍ୟା ଓଡ଼ିଶାରେ ସିଧାସଳଖ ମାଡ଼ ହୋଇନପାରେ। ଏହାର ପ୍ରଭାବରେ ୩-୪ଦିନ ପ୍ରବଳ ବର୍ଷା ହୋଇପାରେ। ବାତାର ପ୍ରଭାବ ଆନ୍ଧ୍ର ଓ ତାମିଲନାଡୁ ଉପରେ ପଡ଼ିବା ସମ୍ଭାବନା ଅଧିକ। ରାଜ୍ୟରେ କେବଳ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ।ବିଲରେ ଏବେ ଅଧା ପାଚିଲା ଧାନ ପଡିଛି। ଦିନ କେଇଟା ମଧ୍ୟରେ ଅମଳ ହେବ।ଆଉ ସମ୍ଭାବ୍ୟ ବର୍ଷାକୁ ନେଇ ଉପକୂଳର ଚାଷୀ ଛାନିଆ ହୋଇଛନ୍ତି।



## କେନ୍ଦୁପତ୍ର ତୋଳାଳିଙ୍କୁ ସହାୟତା

ଭୁବନେଶ୍ୱର, ୨୦।୧୧ (**ମହାଭାରତ**): କେନ୍ଦୁପତ୍ର ତୋଳାଳି, ବାଇଣ୍ଡର୍ ଏବଂ ଋତୁକାଳୀନ କର୍ମଚାରୀଙ୍କ ସମ୍ମାନିତ ଜୀବିକାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏକ ଦୃଢ଼ ମାନବିକ ପଦକ୍ଷେପ ଗ୍ରହଣ କରିଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ୨୦୨୪ ଫସଲ ବର୍ଷ ଏବଂ ୨୦୨୫-୨୬ ଅର୍ଥବର୍ଷ ପାଇଁ ମୋଟ ୪୧.୧୭ କୋଟି ଟଙ୍କା ବିତରଣ କରାଯାଇଛି।କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବୃହତ୍ ସହାୟତା ଭାବେ ଆଜି ସୁଦ୍ଧା ୮,୫୯,୭୨୭ ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ନିମ୍ନଲିଖିତ ସୁବିଧା ପାଇଁ ଚପଲ – ଏକକ ପିଛା ୧୬୦ ଟଙ୍କା, କେରି ବହନକାରି କପଡ଼ା – ଏକକ ପିଛା ୨୦୦ ଟଙ୍କା ଏବଂ ହେଡ୍ କ୍ୟାପ – ଏକକ ପିଛା ୧୦୦ ଟଙ୍କା ହିସାବରେ ମୋଟ ୩୯,୫୪,୭୪,୪୨୦.୦୦ ଟଙ୍କା ଜମା କରାଯାଇଛି। ଏହା କେନ୍ଦୁପତ୍ର ତୋଳାଳିଙ୍କ ଶ୍ରମ ଏବଂ ମୂଲ୍ୟବାନ ଅବଦାନ ପ୍ରତି ରାଜ୍ୟ ସରକାରଙ୍କ ଗଭୀର ସମ୍ମାନର ପ୍ରତୀକ।ସେହିପରି ୧୮୭୬୮ ଜଣ ବାଇଣ୍ଡରଙ୍କୁ କମ୍ବଳ ଓ ମଶାରି ପାଇଁ ୟୁନିଟ ପିଛା ୭୦୦ ଟଙ୍କା ହିସାବରେ ୧,୩୧,୩୭,୬୦୦.୦୦ ଟଙ୍କା ପ୍ରଦାନ କରାଯିବା ସହିତ ୧୬୨୩୭ ଜଣ ଋତୁକାଳୀନ କର୍ମଚାରୀଙ୍କୁ ୟୁନିଟ ପିଛା ୧୦୦ ଟଙ୍କା ହାରରେ ୧୬,୨୩,୭୦୦.ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି । ଏହି ବୃହତ୍ କଲ୍ୟାଣ ପ୍ୟାକେଜ୍ ରାଜ୍ୟର କେନ୍ଦୁପତ୍ର ଆଧାରିତ ଶ୍ରମଜୀବୀଙ୍କ ସୁଯୋଗ-ସୁବିଧା, ସୁରକ୍ଷା ଏବଂ ସାମାଜିକ ସମ୍ମାନକୁ ନୂତନ ଉଚ୍ଚତାକୁ ନେଇଯାଉଛି। ସରକାରଙ୍କ ଏହି ପ୍ରୟାସ ତାଙ୍କ ଜୀବିକାକୁ ସମୃଦ୍ଧ ବନାଇବା ସହିତ ସମାଜର ଦୃଢ଼ ଅର୍ଥନୈତିକ ଭିତି ଗଢ଼ିବାରେ ସହାୟକ ହେବ।

## ଶଙ୍କର ପୃଷ୍ଟିର ଜାମିନ ଆବେଦନ ଖାରଜ

**ବ୍ରହ୍ମପୁର, ୨୦।୧୧ (ମହାଭାରତ):** ପୋଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ସମେତ ଅନ୍ୟ ୩ ସହଯୋଗୀଙ୍କ ଜାମିନ ଆବେଦନ ଖାରଜ କରିଛି ଭିଜିଲାନ୍ସ କୋର୍ଟ। ଜାମିନ ଆବେଦନ ଜାମିନକୁ ବିରୋଧ କରି ସିବିଆଇ ବ୍ରହ୍ମପୁର କୋର୍ଟରେ ନିଜର ପକ୍ଷ ରଖିଥିଲା। ଏହି ସମୟରେ କ୍ରାଇମବ୍ରାଞ୍ଚ ଡିଏସପି ଓ ସରକାରୀ ଜିଲ୍ଲା ଓକିଲ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ପରୀକ୍ଷା କେଳେଙ୍କାରୀ ମାମଲାରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ତାର ୧୧ ସହଯୋଗୀ ଗିରଫ ହୋଇଥିଲେ। ଆଜି ଭିଜିଲାନ୍ସ କୋର୍ଟରେ ଶଙ୍କର ପୃଷ୍ଟି, ସାଗର ଗୌଡ଼, ସୁରେଶ ନାୟକ ଓ ଅରବିନ୍ଦଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। ତେବେ ଶୁଣାଣି ବେଳେ ଟିମ କୋର୍ଟରେ ଉପସ୍ଥିତ ଥିଲା ଜାମିନ ନଦେବା ପାଇଁ ନିଜ ଓକିଲଙ୍କ ମାଧ୍ୟମରେ ଯୁକ୍ତି ରଖିଥିଲା ସିବିଆଇ। ପୋଲିସ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ତଦନ୍ତ ଆରମ୍ଭ କରିଛି ସିବିଆଇ ମୂଳ ମାମଲା ସ୍ଥାନାନ୍ତର ପାଇଁ ଜେଏମଏଫସି କୋର୍ଟକୁ ଯାଇ ଆବେଦନ କରିଛି ସିବିଆଇ ।

## ଆଉ ୪ ଡାକ୍ତର ଗିରଫ

**ନୂଆଦିଲ୍ଲୀ, ୨୦।୧୧ (ମହାଭାରତ):** ଦିଲ୍ଲୀର ଲାଲକିଲ୍ଲା ବାହାରେ ହୋଇଥିବା ବିସ୍ଫୋରଣ ଘଟଣାରେ ଏନ୍‌ଆଇଏ ଚାରି ଜଣ ନୂତନ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଚାରି ଜଣ ବିସ୍ଫୋରଣରେ ବ୍ୟବହୃତ ହ୍ୟୁଣ୍ଡାଇ ଆଇ୨୦କାର ବ୍ୟବସ୍ଥା କରିଥିଲେ ଏବଂ ସୁରକ୍ଷିତ ଭାବରେ ହସ୍ତାନ୍ତର କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ଚାରି ଜଣ ହେଉଛନ୍ତି ଡାକ୍ତର ଏବଂ ସେମାନଙ୍କ ମଧ୍ୟରୁ ଜଣେ ମୁଫତି ଭାବେ ବି କାମ କରୁଥିଲେ । ଏ ସମସ୍ତଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ପୁଲୱାମାରୁ ଡକ୍ଟର ମୁଜାମ୍ମିଲ ଶକିଲ ଗଣାଇ, ଅନନ୍ତନାଗରୁ ଡକ୍ଟର ଆଦିଲ ଅହମ୍ମଦ ରାଥର, ଲକ୍ଷ୍ନୌରୁ ଡକ୍ଟର ଶାହିନା ସଇଦ ଏବଂ ଶୋପିଆନରୁ ମୁଫତି ଇରଫାନ ଅହମ୍ମଦଙ୍କୁ ଗିରଫ କରାଯାଇଛି। ସେମାନେ ଏହି ବିସ୍ଫୋରଣ ଓ ଅନ୍ୟ ଷଡ଼ଯନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏନଆଇଏ ଅନୁସାରେ ଏହି ଚାରି ଜଣ ଷଡ଼ଯନ୍ତ୍ରର ପ୍ରମୁଖ ରଣନୈତିକ ଟିମ ଥିଲେ। ସେମାନେ ଆଇ୨୦ କାର ହାସଲ କରିବା, ବ୍ୟବହାର ପାଇଁ ପ୍ରସ୍ତୁତ କରିବା ଏବଂ ମଡ୍ୟୁଲ ନିକଟକୁ ପହଞ୍ଚାଇବାର ମୁଖ୍ୟ କାର୍ଯ୍ୟ ପରିଚାଳନା କରିଥିଲେ। ସେମାନେ ମଧ୍ୟ କାରର ରୁଟ ପ୍ଲାନିଂ କରିଥିଲେ।ଏପରିକି କେଉଁ ରାସ୍ତାରେ ଦିଲ୍ଲୀ ଆସିଲେ ତାହା ସୁରକ୍ଷିତ ରହିବ ଓ ବାଟରେ କେଉଁ ସ୍ଥାନରେ କେତେ ସମୟ ଅଟକିବ ତାହା ସେମାନେ ନିର୍ଦ୍ଧାରଣ କରିଥିଲେ। ପୂର୍ବରୁ, ଏନ୍‌ଆଇଏ ଏହି ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା, ସେମାନଙ୍କ ମଧ୍ୟରୁ ପ୍ରଥମ ହେଉଛି ଆମିର ରସିଦ ଅଲି, ଯାହା ନାମରେ କାରଟି ପଞ୍ଜିକୃତ ହୋଇଥିଲା । ଏହାପରେ ଘଓଇ ଜସିର ବିଲାଲ ୱାନି, ଓରଫ ଦାନିଶଙ୍କୁ ଗିରଫ କରିଥିଲା, ଯିଏ ବିସ୍ଫୋରକର ବୈଷୟିକ ସେଟଅପ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏବେ କାର୍ ବ୍ୟବସ୍ଥା କରିଥିବା ଏହି ଚାରିଜଣ ଡାକ୍ତର ଗିରଫ ହେବା ପରେ ଏହି ମାମଲାରେ ଏନଆଇଏ ଏକ ବଡ଼ ସଫଳତା ହାସଲ କରିଛି ।

### ରଥଯାତ୍ରା ଦଳାଚକଟା ମାମଲା

## ଏସିଏଫ୍‌ଙ୍କୁ ନୋଟିସ୍

**ଭୁବନେଶ୍ୱର, ୨୦।୧୧ (ମହାଭାରତ):** ପୁରୀ ରଥଯାତ୍ରା-୨୦୨୫ ସମୟରେ ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣା ନେଇ ରାଜ୍ୟ ସରକାର ପୁଣି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଜଣେ ଏସିଏଫ୍‌ଙ୍କ ବିରୋଧରେ ସରକାର ଏହି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପୁରୀ ଏସିଏଫ୍ ଅଶୋକ ବେହେରାଙ୍କ ବିରୋଧରେ ଏହି ଆକ୍ସନ ନିଆଯାଇଛି ।



ସୂଚନା ଅନୁସାରେ ରଥଯାତ୍ରା ପରଦିନ ଯେତେବେଳେ ଶରଧାବାଲିରେ ଦଳାଚକଟା ହୋଇଥିଲା। ସେହି ସମୟରେ ଲକ୍ଷାଧିକ ଲୋକ ରୁଣ୍ଡ ହୋଇଥିଲେ। ପୁରୀ ଏସିଏଫ୍ ଅଶୋକ ବେହେରା ଏହି ସମୟରେ କଣ୍ଟ୍ରୋଲ ରୁମ୍‌ର ଦାୟିତ୍ୱରେ ଥିଲେ। ତାଙ୍କର ଅବହେଳା ପାଇଁ ଅଭାବନୀୟ ପରିସ୍ଥିତି ଦେଖାଯାଇଥିଲା। ରାଜ୍ୟ ସରକାରଙ୍କ ଉନ୍ନୟନ କମିସନର ଅନୁ ଗର୍ଗଙ୍କ ରିପୋର୍ଟ ପରେ ଅଶୋକ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୩୦ ଦିନ ଭିତରେ ନିଜର ପକ୍ଷ ରଖିବାକୁ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପୂର୍ବରୁ ସରକାର ଅନ୍ୟ ୪ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି, ଯେଉଁଥିରେ ଜଣେ ସହକାରୀ ଜିଲ୍ଲାପାଳ ଓ ୨ ଜଣ ଅତିରିକ୍ତ ତହସିଲଦାର ମଧ୍ୟ ସାମିଲ ଅଛନ୍ତି । ସୂଚନାଯୋଗ୍ୟ, ଗତ ଜୁନ୍ ୨୯ ତାରିଖରେ ଶରଧାବାଲି ରଥ ସମ୍ମୁଖରେ ଦଳାଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ରିପୋର୍ଟକୁ ଗତ ଜୁଲାଇ ୩୧ ତାରିଖରେ ଉନ୍ନୟନ କମିସନର ଅନୁ ଗର୍ଗ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଥିଲେ। ଏହି ଘଟଣାରେ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ତଦନ୍ତ ଚାଲିଥିଲା ମାସକ ମଧ୍ୟରେ ରିପୋର୍ଟ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ।

ତଦନ୍ତରେ ଉନ୍ନୟନ କମିସନରଙ୍କୁ ୪ ଜଣ ବରିଷ୍ଠ ଓଏଏସ୍ ଅଧିକାରୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ମାନସ କୁମାର ସାମଲ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ରଶ୍ମିରଂଜନ ନାୟକ ଓ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ ସହଯୋଗ କରିଥିଲେ ଏହି ଘଟଣା ପାଇଁ କିଏ ଦାୟୀ, ବ୍ୟବସ୍ଥାଗତ ବିଫଳତା, ଏହାକୁ କିପରି ଏଡ଼ାଯାଇପାରିଥାନ୍ତା, ଆଗାମୀ ଦିନରେ କିପରି ଏଭଳି ଅଘଟଣ ନ ଘଟିବ, ସେ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ରିପୋର୍ଟରେ ଦର୍ଶାଯାଇଛି।

## ସାଲିଆ ସାହିରୁ ସରିଲା ଜବରଦଖଲ ଉଚ୍ଛେଦ

**୩ ଦିନ ହେଲା ବୁଲଡୋଜର, ବଲ ପଡିଆରୁ ଜବରଦଖଲ ହଟିଲା**

ଭୁବନେଶ୍ୱର, ୨୦।୧୧ (ମହାଭାରତ): ଭୁବନେଶ୍ୱର ସାଲିଆ ସାହିରୁ ସରିଲା ଜବରଦଖଲ ଉଚ୍ଛେଦ। ଆଜିକୁ ମିଶାଇ ମୋଟ ତିନି ଦିନ ହେଲା ବୁଲଡୋଜର ଲଗାଇ ଘର ଭଙ୍ଗା ଯାଉଥିବାବେଳେ ଆଜି ମାଇକ ମାଧ୍ୟମରେ ଘୋଷଣା କରି ଲୋକଙ୍କୁ ଜାଗା ଖାଲି କରିବାକୁ କହିଥିଲା ପ୍ରଶାସନ।

ବିଏମସି, ବିଡିଏ ଓ କମିଶନରେଟ ପୋଲିସର ମିଳିତ ସ୍କ୍ୱାର୍ଡ ପକ୍ଷରୁ ଉଚ୍ଛେଦ କରାଯାଇଥିଲା ନିଷ୍ପତି ଅନୁଯାୟୀ ୫୬୨ଟି ଘର ଉଚ୍ଛେଦ କରାଯାଇଛି।ଘର ଭଙ୍ଗାଯିବା ସହ ଡ୍ରେନ୍ ନିର୍ମାଣ କାମ ଆରମ୍ଭ ହୋଇଛି। ଉଚ୍ଛେଦ ପରେ ଲୋକମାନେ ବଲ ପଡିଆରେ ଜରି ପାଲ ଟାଣି ରହିଥିଲେ। ବଲ ପଡିଆରୁ ବି ପ୍ରଶାସନ ଜବରଦଖଲ ଉଚ୍ଛେଦ କରିଛି। ଘଣ୍ଟାଏ ଭିତରେ ପଡିଆ। ଛାଡିବାକୁ ନୋଟିସ୍ ହୋଇଛି। ବସ୍ତି ଉଚ୍ଛେଦକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଏମ୍‌ସି କମିଶନର କହିଛନ୍ତି ଉଚ୍ଛେଦଙ୍କ



ଭିତରେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିବ। ଅଯୋଗ୍ୟ ହିତାଧିକାରୀଙ୍କୁ କେବେବି ଘର ଦିଆଯିବ ନାହିଁ। ଏବେ ସୁଦ୍ଧା ୪୫୫ ଘର ମହଜୁଦ୍ ରହିଛି, ଯେବେ ଆବଶ୍ୟକ ପଡିବ ଦିଆଯିବ। ଏଥିଲାଗି ଖୁବ୍ ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ରାସ୍ତା ନିର୍ମାଣ ପାଇଁ ଜବରଦଖଲ ମୁକ୍ତ କରିବାକୁ ବିଏମସି ଚେଷ୍ଟା କରୁଛି। ପୂର୍ବରୁ ଏ ନେଇ ବିଏମସି ବସ୍ତି ବାସିନ୍ଦାଙ୍କୁ ନୋଟିସ୍ କରିଥିଲା। ଲଟେରୀ ମାଧ୍ୟମରେ ଲୋକଙ୍କୁ ଘର ଆବଣ୍ଟନ ହେଉଛି।

ସୂଚନା ମୁତାବିକ ଏକାମ୍ରକାନନରୁ ଅନ୍ଧାରୁଆ ୧୩ କିମି ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ ରାସ୍ତା ପାଇଁ ଏହି ଉଚ୍ଛେଦ କରିଛି ବିଏମ୍‌ସି ଓ ବିଡିଏ। ପୂର୍ବରୁ ମଧ୍ୟ ଉଚ୍ଛେଦ କରିଥିଲା ବିଡିଏ ଓ ବିଏମସିର ମିଳିତ ଟିମ। ଏହି ରାସ୍ତା ହେଲେ ସହରକୁ ଭିଡ କମିବ। ତେବେ ଉଚ୍ଛେଦ ବେଳେ ସେଠାକାର ବାସିନ୍ଦା ଜୋରଦାର ବିରୋଧ କରିଛନ୍ତି। ଗୋଟିଏ ପଟେ ବିଏମ୍‌ସି ଥଇଥାନ କଥା କହୁଥିବା ବେଳେ ବସ୍ତି ବାସିନ୍ଦା କିନ୍ତୁ ଭଙ୍ଗା ଘରକୁ ଛାଡ଼ି ଯିବାକୁ ବି ନାରାଜ୍। ଦୁଇ ଦିନ ହେଲାଣି ଜରି ପାଲ ତଳେ ବିତାଉଛନ୍ତି ଜୀବନ।

## ଦିଦିଙ୍କୁ ଅଡୁଆ ଏସଆଇଆର

**ନୂଆଦିଲ୍ଲୀ, ୨୦।୧୧ (ମହାଭାରତ):** ପଶ୍ଚିମବଙ୍ଗରେ ଭୋଟର ତାଲିକାର ଚାଲିଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାକୁ ନେଇ ରାଜନୈତିକ ଲଢ଼େଇ ତୀବ୍ର ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଚିଠି ଲେଖି ଏହି ପ୍ରକ୍ରିୟାକୁ ବିପଜ୍ଜନକ ବୋଲି କହିଛନ୍ତି ଏବଂ ଏସ୍‌ଆଇଆରକୁ ତୁରନ୍ତ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରକ୍ରିୟା ବିଶୃଙ୍ଖଳିତ ଏବଂ ଜବରଦସ୍ତି, ଯାହା କେବଳ ଅଧିକାରୀମାନଙ୍କୁ ନୁହେଁ ବରଂ ସାଧାରଣ ନାଗରିକଙ୍କୁ ମଧ୍ୟ ବିପଦରେ ପକାଇଛି।

ଅନ୍ୟପକ୍ଷରେ, ବିଜେପି ଏହାକୁ ମମତା ବାନାର୍ଜୀଙ୍କ ହତାଶା ବୋଲି କହିଛି ଦଳ ଦାବି କରୁଛି ଯେ ଭୋଟର ତାଲିକାକୁ ସ୍ୱଚ୍ଛ କରୁଛି। ନକଲି ଭୋଟର ଚିହ୍ନଟ ଯୋଗୁଁ ଟିଏମସି ସମ୍ପୂର୍ଣ୍ଣ ଆତଙ୍କିତ




ହୋଇଯାଇଛି। ପ୍ରବୀଣ ଭଣ୍ଡାରୀ ଏବଂ ଅମିତ ମାଲବ୍ୟଙ୍କ ପରି ବିଜେପି ନେତାମାନେ ସିଧାସଳଖ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଏହି ଚିଠି ଟିଏମସିର ଆତଙ୍କ ଏବଂ ଚିନ୍ତାକୁ ସ୍ପଷ୍ଟ ଭାବରେ ସୂଚିତ କରୁଛି।ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଚିଠିରେ ଲେଖିଛନ୍ତି ଯେ ସାରା ରାଜ୍ୟରେ ଅରାଜକତା ସୃଷ୍ଟି କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି, ଏବଂ ଏହି ଚାପ ସହିତ ଅନେକ ମୃତ୍ୟୁ ଜଡିତ ଜଳପାଇଗୁଡ଼ିରେ ଜଣେ ଅଙ୍ଗନାଡି କର୍ମୀଙ୍କ ଆତ୍ମହତ୍ୟା ଘଟଣାକୁ ଉଲ୍ଲେଖ କରି ମମତା କହିଛନ୍ତି ଯେ ଏହି ମାନବିକ ମୂଲ୍ୟ ଯେକୌଣସି ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଗ୍ରହଣୀୟ ନୁହେଁ। ସେହିପରି ଟିଏମସି ନେତା କୁନାଳ ଘୋଷ କହିଛନ୍ତି ଯେ ବର୍ତ୍ତମାନ ସମୟ ଏକ ସଂବେଦନଶୀଳ ସମୟ ହୋଇଥିବାରୁ ଏସଆଇଆର କରିବା ଉଚିତ ହେବ ନାହିଁ। ପୁଣି ସୀମାବର୍ତ୍ତି ଅଂଚଳରେ ସୁରକ୍ଷା ଚିନ୍ତା ମଧ୍ୟ ରହିଛି।

## ‘ଫୁଲକୋବି ଖିରି’

**ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’।




····· ପରଦା ଖବର ······

# ପୁଣି ଥରେ ମା’ ହେବେ ସୋନମ

ବଲିଉଡ ଡିଭା ସୋନମ କପୁର ପୁଣି ଥରେ ଖୁସି ଖବର ଦେବାକୁ ଯାଉଛନ୍ତି । ସୋନମ ଦ୍ୱିତୀୟ ଥର ମା’ ହେବାକୁ ଯାଉଛନ୍ତି । ଗର୍ଭବତୀ ଥିବା ନେଇ ସୋନମ ଖାସ୍ ଅନ୍ଦାଜରେ ଫ୍ୟାନ୍ସଙ୍କ ସହିତ ସେୟାର କରିଛନ୍ତି ।

ସୋନମ ଏକ ପିଙ୍କ କଲର ଆଉଟଫିଟରେ ବେବିବମ୍ପ ଦେଖିବାକୁ ମିଳିଛି । ସୋନମଙ୍କ ଷ୍ଟାଇଲିଶ ଅନ୍ଦାଜରେ ପ୍ରେଗେନ୍ସି ଘୋଷଣା କରିଛନ୍ତି। ସୋନମ ଫଟୋ ସେୟାର କରି କହି ଲେଖିଛନ୍ତି, ମଦର..ଏହା ସହିତ ଇମୋଜୀ ପୋଷ୍ଟ କରିଛନ୍ତି । ସୋନମ ଏହି ପୋଷ୍ଟକୁ ଆନନ୍ଦ ଆହୁଜା ସହିତ ଟ୍ୟାଗ୍ କରିଛନ୍ତି ।ସୋନମଙ୍କ ଏହି ପୋଷ୍ଟ ଦେଖି ସେଲିବ୍ରିଟି ଏବଂ





ଫ୍ୟାନ୍ସ ଶୁଭେଚ୍ଛା ଜଣାଇଛନ୍ତି। କରୀନା କହିଛନ୍ତି, ସୋନା ଏବଂ ଆନନ୍ଦ । ଆନନ୍ଦ ଲେଖିଛନ୍ତି.. ଡବଲ ଟ୍ରବଲ । ସୋନମଙ୍କ ପୋଷ୍ଟରେ ଲମ୍ବା କମେ□ ଆସିଛି ।ଦୀର୍ଘଦିନରୁ ସୋନମଙ୍କ ପ୍ରେଗେନ୍ସୀକୁ ନେଇ ଚର୍ଚ୍ଚା ଚାଲିଥିଲା । ହେଲେ ଏବେ ଅଭିନେତ୍ରୀ ନିଜେ କନଫର୍ମ କରିଦେଇଛନ୍ତି । ସୋନମ ବିବାହର ୭ ବର୍ଷ ପରେ ଦ୍ୱିତୀୟ ଥର ମା’ ହେବାକୁ ଯାଉଛନ୍ତି । ୨୦୨୨ରେ ସୋନମ ପୁତ୍ର ବାୟୁଙ୍କୁ ଜନ୍ମ ଦେଇଥିଲେ ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା




ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

# ଖାଦ୍ୟରେ ସାମିଲ କରନ୍ତୁ ବିଟ୍

ଲାଲ ବିଟ୍ ସ୍ୱଦରେ ସମସ୍ତେ ପସନ୍ଦ କରନ୍ତି ନାହିଁ, କିନ୍ତୁ ବିଟ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ବିଟରେ ପୋଷକ ତତ୍ତ୍ୱ ଭରପୂର ଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଯୋଗୁଁ ଏହାକୁ ସୁପରଫୁଡ୍ ମଧ୍ୟ କୁହାଯାଏ । ତେଣୁ ଆସନ୍ତୁ ଜାଣିବା ବିଟ୍ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ।

ବିଟ୍ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଲାଭଦାୟକ ଅଟେ। ଉଚ୍ଚ ରକ୍ତଚାପରେ ବିଟ୍ ଲାଭଦାୟକ ଅଟେ । ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ବିଟ୍ ରସ ମଧ୍ୟ



ପ୍ରଭାବଶାଳୀ ବୋଲି ବିଶ୍ୱାସ କରାଯାଏ । ଅନୁସନ୍ଧାନ ଅନୁଯାୟୀ, ପ୍ରତିଦିନ ୨୫୦ ମିଲି ବିଟର ରସ ପିଇବା ଦ୍ୱାରା ଶରୀରର ଉଭୟ ସିଷ୍ଟୋଲିକ୍ ଏବଂ ଡାଇଷ୍ଟୋଲିକ୍ ରକ୍ତଚାପ କମିଯାଏ। ଯେଉଁମାନେ ସେମାନଙ୍କର ଓଜନକୁ ନିୟନ୍ତ୍ରଣ କରିବାକୁ ଚାହାଁନ୍ତି, ବିଟ୍ ରସ ସହିତ ସକାଳ ଆରମ୍ଭ କରିବା ଠିକ୍ ୟ ବିଟ୍ ରସରେ ବହୁତ କମ୍ କ୍ୟାଲୋରୀ ଥାଏ ଏବଂ ପୋଷକ ତ□ ମଧ୍ୟ ଭରପୂର ଅଟେ ୟ ଯେଉଁଥିପାଇଁ ଶରୀର ଆବଶ୍ୟକୀୟ ପୋଷକ ତ□ ପାଇଥାଏ ଏବଂ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ବିଟରେ ପ୍ରାକୃତିକ ଭାବରେ ମିଳୁଥିବା ନାଇଟ୍ରେଟ୍ ବୃଦ୍ଧଙ୍କ ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧିରେ ସହାୟକ ହୋଇଥାଏ। ଯାହା ସେମାନଙ୍କର ସ୍ମୃତିକୁ ଠିକ୍ ରଖେ। ବିଟ ଦ୍ରବୀଭୂତ ଆଣ୍ଟିଅକ୍ସିଡାଣ୍ଟ। କେମୋ-ପ୍ରତିଷେଧକ ପ୍ରଭାବ ରହିଛି । ଯେଉଁ କାରଣରୁ ବିଟ୍ ବ୍ୟବହାର ଆପଣଙ୍କ ଶରୀରରେ କର୍କଟ ଭଳି ମାରାତ୍ମକ ରୋଗର କୋଷ ବିସ୍ତାରକୁ ରୋକିଥାଏ।

# ଶରୀରରେ ରକ୍ତ ଅଭାବକୁ ଦୂର କରେ କିସମିସ୍

ଶରୀରରେ ହେମୋଗ୍ଲୋବିନର ପରିମାଣ କମ୍ ହେଲେ, ବ୍ୟକ୍ତିକୁ ଅନେକ ରୋଗ ଘେରି ରହିଥାଏ। କିଡନୀ ସହିତ ଜଡିତ ଅଧିକାଂଶ ରୋଗ ରକ୍ତ ଅଭାବରୁ ହୋଇଥାଏ। ଯଦି ଆପଣଙ୍କ ଶରୀରରେ ମଧ୍ୟ ରକ୍ତ ଅଭାବ ଥାଏ, ତେବେ ରକ୍ତ ବଢାଇବା ପାଇଁ ଆପଣ କେବଳ ଔଷଧ ବ୍ୟବହାର କରିବା ଜରୁରୀ ନୁହେଁ । ଆପଣ କିଛି ଘରୋଇ ଉପଚାରକୁ ଆପଣେଇ ଶରୀରରେ ହେମୋଗ୍ଲୋବିନର ଅଭାବକୁ ମଧ୍ୟ ସଂପୂର୍ଣ୍ଣ କରିପାରିବେ। ଏପରି ଏକ ପ୍ରଭାବଶାଳୀ ଉପଚାର ହେଉଛି ଭିଜା ହୋଇଥିବା କିସମିସ୍। ଭିଜା ହୋଇଥିବା କିସମିସରେ ଆଇରନ୍, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଫାଇବର ଭରପୂର ମାତ୍ରାରେ ଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତ ପରିମାଣ ବଢିଥାଏ ଏବଂ ରକ୍ତହୀନତା ଦୂର ହୋଇଥାଏ। ଏଥିପାଇଁ ଆପଣ ପ୍ରତିଦିନ ରାତିରେ ୫୦ ଗ୍ରାମ କିସମିସକୁ ଭିଜାଇ



ଦିଅନ୍ତୁ। ସକାଳେ ଉଠିବା ପରେ ପ୍ରଥମେ କିସମିସ୍ ପାଣି ପିଅନ୍ତୁ ଏବଂ ପରେ କିସମିସ୍ ଖାଆନ୍ତୁ। ଭିଜାଇଥିବା କିସମିସ୍ ସହିତ ଏହାର ଜଳ ସ୍ୱାସ୍ଥ୍ୟ ପାଇଁ ମଧ ବହୁତ ଲାଭଦାୟକ ହୋଇଥାଏ।

**ଭିଜା ହୋଇଥିବା କିସମିସ୍ ଖାଇବାର ଫାଇଦା :**

(୧): ଭିଜା ହୋଇଥିବା କିସମିସ୍ ଫାଇବରରେ ଭରପୂର ହୋଇଥାଏ, ଏହାକୁ ନିୟମିତ ଖାଇବା ଦ୍ୱାରା ହଜମ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

(୨): ଭିଜା ହୋଇଥିବା କିସମିସ୍ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଏହା ଜୀବାଣୁ ଏବଂ ସଂକ୍ରମଣ ସହିତ ଲଢିବାରେ ମଧ୍ୟ ସାହାଯ୍ୟ କରିଥାଏ।


(୩): ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ ରଖିବା ପାଇଁ କ୍ୟାଲସିୟମ ଆବଶ୍ୟକ। ତେଣୁ କିସମିସ୍ ଦାନ୍ତ ଏବଂ ହାଡ ପାଇଁ ମଧ୍ୟ ଖାଇପାରିବେ। ୧୦୦ ଗ୍ରାମ୍ କିସମିସ୍ ଭିତରେ ପ୍ରାୟ ୫୦ ମିଗ୍ରା କ୍ୟାଲସିୟମ୍ ଥାଏ। ଯାହା ଆପଣଙ୍କ ଦାନ୍ତ ଏବଂ ହାଡକୁ ଶକ୍ତିଶାଳୀ କରିବା ପାଇଁ କାମ କରେ।

(୪): କିସମିସ୍ ଖାଇବା ଦ୍ୱାରା ପାଟିରୁ ଆସୁଥିବା ଗନ୍ଧ ମଧ୍ୟ ଦୂର ହୋଇଥାଏ।

(୪): ଯଦି ଆପଣଙ୍କର ଓଜନ ବୃଦ୍ଧି ହେଉନାହିଁ, ତେବେ ଭିଜାଇଥିବା କିସମିସ୍ ଖାଆନ୍ତୁ। ଏହାକୁ ଖାଇବା ଦ୍ୱାରା ସହଜରେ ଓଜନ ବୃଦ୍ଧି ହୋଇଥାଏ।

## ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା’ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା’ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା’କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା’ନ୍ତି ।

ନଗରନକ୍ଷତ୍ର
ମହାନଗରର ନିଜ ଭାଷା



# ନାଗରିକଙ୍କ ସମ୍ମାନକୁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ



ଭୁବନେଶ୍ୱର,୨୦।୧୧ (ମହାଭାରତ): ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ପ୍ରଥମ ଦିନର ଦ୍ୱିତୀୟ ଅଧିବେଶନ ମୁଖ୍ୟ ଶାସନ ସଚିବ ମନୋଜ ଅହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ଏଥିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅଧିବେଶନରେ ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ନାଗରିକ କେନ୍ଦ୍ରିକ ସେବା ପ୍ରଦାନରେ ନୈତିକତା, ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବା ପ୍ରଦାନ, ବ୍ୟକ୍ତିଗତ ଅଧିକାର, ସରକାରୀ କଲ୍ୟାଣ ଯୋଜନା, ସାମୁହିକ ସମ୍ପଦ ଏବଂ ଜନ ସାଧାରଣଙ୍କୁ ସୁବିଧାରେ ସରକାରୀ ସେବା ପ୍ରଦାନ ସଂପର୍କିତ ବିସ୍ତୃତ ଆଲୋଚନା କରାଯାଇଥିଲା।

ସମ୍ମିଳନୀରେ ଯୋଗ ଦେଇଥିବା ଜିଲ୍ଲାପାଳ ତଥା ରାଜ୍ୟ ପ୍ରଶାସନର ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କୁ ସମ୍ବୋଧନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଥିଲେ ଯେ, ନାଗରିକମାନେ ହେଉଛନ୍ତି ଆମ ରାଜ୍ୟର ପ୍ରମୁଖ ସମ୍ପଦ। ପ୍ରତି ପ୍ରଶାସନିକ କାର୍ଯ୍ୟ ଓ ସେବା ପ୍ରଦାନ ବେଳେ ସେମାନଙ୍କର ମର୍ଯ୍ୟାଦା ପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଲୋକସେବା ଅଧିକାର ଅଧିନିୟମକୁ କାର୍ଯ୍ୟକାରୀ କଲାବେଳେ ତଥା ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କ୍ଷେତ୍ରରେ ନୈତିକ ମୂଲ୍ୟବୋଧକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ କହିଥିଲେ। ପ୍ରତି ଗାଁ ଗାଁରେ ନାଗରିକମାନେ ସମ୍ମାନର ସହିତ ଜୀବନ ଯାପନ କରିବା ପାଇଁ ସେମାନଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଗମନାଗମନ ପାଇଁ ସଡ଼କ ସୁବିଧା, ମୋବାଇଲ ଯୋଗାଯୋଗ, ବିଦ୍ୟୁତ୍ ସେବା ସହ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପହଁଚିବା ଆଦି ସମସ୍ତ ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବାକୁ ତ୍ୱରାନ୍ୱିତ ପଦକ୍ଷେପ ଓ ସୁବ୍ୟବସ୍ଥା କରିବା ସଂପର୍କରେ ସେ ଆଲୋକପାତ କରିଥିଲେ। କିଭଳି ସ୍ୱଚ୍ଛତାର ସହ, ବିନା ଅସୁବିଧାରେ ପ୍ରଶାସନିକ ଢାଞ୍ଚାରେ ଆବଶ୍ୟକ ସୁଧାର ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ତ୍ୱରିତ ଓ ସୁବିଧାରେ ଜନସାଧାରଣ ଉଦ୍ଦିଷ୍ଟ ସେବା ପାଇପାରିବେ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଭାବେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରି ପରାମର୍ଶ ଦେଇଥିଲେ। ଅଧିବେଶନରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ (ପାନୀୟଜଳ ଓ ପରିମଳ) ବିନୀତ ଭରଦ୍ୱାଜ ଉପସ୍ଥିତ ଥିଲେ। ଜିଲ୍ଲାପାଳ, ଦେଓଗଡ କବୀନ୍ଦ୍ର କୁମାର ସାହୁ, ଜିଲ୍ଲାପାଳ, ଖୋର୍ଦ୍ଧା ଅମ୍ରିତ ଋତୁରାଜ, ଜିଲ୍ଲାପାଳ, ଗଞ୍ଜାମ କୀର୍ତ୍ତୀଭାସନ ଭି. ଜିଲ୍ଲାପାଳ ବାଲେଶ୍ୱର ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପାଳ , ମୟୂରଭଞ୍ଜ ହେମକାନ୍ତ ସାଏ ପ୍ରମୁଖ ଯୋଗଦେଇ ନିଜ ନିଜ ଜିଲ୍ଲାରେ କିପରି ସୁବିଧାରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରାଯାଉଛି, ସେ ସଂପର୍କରେ ଉପସ୍ଥାପନ କରିଥିଲେ।

# ରାଜସ୍ୱ ରେକର୍ଡରେ ଆଧୁନିକୀକରଣ କରାଯିବ

ଭୁବନେଶ୍ୱର,୨୦।୧୧ (ମହାଭାରତ): ରାଜ୍ୟରେ ଦୀର୍ଘ ଦିନ ହେବ ଜମିଜମା ସଂକ୍ରାନ୍ତୀୟ ମାମଲା ଥିବା ଯୋଗୁଁ ରାଜସ୍ୱ ହାନି ଘଟୁଛି। ରାଜ୍ୟ ସରକାର ଶିଳ୍ପକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବିତ ହେଉଛି। ବହୁ ସରକାରୀ ଜମି ଏବେ ମଧ୍ୟ ଜବର ଦଖଲରେ ରହିଛି। ଏଥି ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍ ମ୍ୟାପ୍ ଜରିଆରେ ସମସ୍ତ ଜମିଜମା ସମସ୍ୟାର ସମାଧାନ, ଜବରଦଖଲ ଜମିକୁ ସରକାର ଅଧିନକୁ ଆଣିବା, ଭୂମିହୀନଙ୍କୁ ଘର ଡିହ ଯୋଗାଇବା ସହ ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଆଇନ୍ ରେ ବ୍ୟାପକ ସଂଶୋଧନ ଆଣିବେ ବୋଲି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଲୋକ ସେବା ଭବନସ୍ଥିତ କନଭେନସନ ସେଂଟର ଠାରେ ଆୟୋଜିତ ହୋଇଥିବା ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ପ୍ରଥମ ଦିବସର ଉଦ୍ଘାଟନୀ ଅଧିବେଶନ ପରେ ପରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ପୂଜାରୀ ଏହା ପ୍ରକାଶ କରିଛନ୍ତି। ସମ୍ମିଳନୀର ଏହି ଅଧିବେଶନରେ ରାଜସ୍ୱ ପ୍ରଶାସନକୁ ସୁବ୍ୟବସ୍ଥିତ କରିବା, ରାଜସ୍ୱ ରେକର୍ଡର ଆଧୁନିକୀକରଣ, ଭୂ-ଅଧିଗ୍ରହଣରେ ରହୁଥିବା ସମସ୍ୟା ସଂପର୍କିତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ସମସ୍ତ ଜିଲ୍ଲାପାଳଙ୍କ ଠାରୁ ଜମିଜମା ସଂକ୍ରାନ୍ତୀୟ ସଂଶୋଧନ ପ୍ରସ୍ତାବ ନଭେମ୍ବର ଶେଷ ସୁଦ୍ଧା ଦେବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଜିଲ୍ଲାପାଳମାନେ ରାଜସ୍ୱ ଆଇନ୍ ରେ ଆବଶ୍ୟକ ସଂଶୋଧନ ସଂପର୍କିତ ପ୍ରସ୍ତାବ ଆଗାମୀ ଫେବୃୟାରୀ ମାସ ସୁଦ୍ଧା ରାଜସ୍ୱ ବିଭାଗକୁ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଆଲୋଚନାରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ରାଜ୍ୟରେ ନୂତନ ସରକାର କାର୍ଯ୍ୟଭାର ହାତକୁ ନେବା ପରେ ଭୂ-ଆଇନ୍ ରେ ଅନେକଗୁଡ଼ିଏ ସଂସ୍କାର ଆଣିଛନ୍ତି। ଜମିପଟ୍ଟା ସଂଶୋଧନ ପ୍ରକ୍ରିୟାରେ ସରଳୀକରଣ କରିଛନ୍ତି। ରାଜ୍ୟ ସରକାର ବିଭିନ୍ନ ବୃହତ୍ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରଖିଥିବା ବେଳେ ଏଥିପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ଆବଶ୍ୟକ ଜମି ଯୋଗାଇଦେବା ସରକାରଙ୍କ ପ୍ରାଥମିକତା ରହିଛି। ଏଥିପାଇଁ ଜବରଦଖଲ ହୋଇଥିବା ସମସ୍ତ ସରକାରୀ ଜମି ଉଚ୍ଛେଦ କରାଯିବ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଜମି ଅଧିଗ୍ରହଣରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ବିକାଶ ପାଇଁ ଜିଲ୍ଲାକୁ ଦିଆଯାଉଥିବା ପାଣ୍ଠିକୁ ସଠିକ୍ ଓ ସମୟୋପଯୋଗୀ ବିନିଯୋଗ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଜିଲ୍ଲାକୁ ବହୁମୁଖୀ ଆଶ୍ରୟ ସ୍ଥଳର ରକ୍ଷଣାବେକ୍ଷଣ ଓ ସର୍ବନିମ୍ନ ସୁବିଧା ପାଇଁ ଦିଆଯାଇଥିବା ବିପର୍ଯ୍ୟୟ ପରିଚାଳନା ପାଣ୍ଠିର ଉପଯୋଗ କରିବାକୁ ମନ୍ତ୍ରୀ କହିଥିଲେ। ଏଥିସହିତ ରାଜ୍ୟରେ ଆଉ ୧୦୦ଟି ବହୁମୁଖୀ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ହେବା ସଂପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ ଯୋଗଦେଇ କହିଲେ ଯେ, ରାଜ୍ୟରେ ଏକ ସୁଦୃଢ଼ ଓ ଦକ୍ଷ ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି।

# ରାଉରକେଲା ସ୍ମାର୍ଟ ସିଟି ବୋର୍ଡ ବୈଠକ

ଭୁବନେଶ୍ୱର,୨୦।୧୧ (ମହାଭାରତ): ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ୩୧ ତମ ବୋର୍ଡ ବୈଠକ ଗତକାଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ସୁନ୍ଦରଗଡ ଜିଲାପାଳ ଡା ଶୁଭଙ୍କର ମହାପାତ୍ର , ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ସିଇଓ ଧୀନା ଦସ୍ତାଗୀର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତିର ସମୀକ୍ଷା କରାଯାଇଛି ଓ ପ୍ରକଳ୍ପ ଗୁଡିକର ପରିଚାଳନା ରକ୍ଷଣାବେକ୍ଷଣ ଏବଂ ରାଜସ୍ୱ ସୃଷ୍ଟି ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇ ନିର୍ମାଣଧୀନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନିତ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଇଂଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଂଟ୍ରୋଲ୍ ସେଂଟର (ଆଇ. ସି. ସି. ସି) ପ୍ରକଳ୍ପ ସମ୍ପର୍କରେ ବୋର୍ଡ ବିଇଏଲକୁ ଅନୁରୋଧ କରିଛି ଯେ ସେମାନେ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ସେମାନଙ୍କ ପ୍ରୟାସକୁ ତ୍ୱରାନ୍ୱିତ କରନ୍ତୁ। 'ରୁର୍କେଲା ୱାନ୍' ପ୍ରକଳ୍ପ ସମ୍ବନ୍ଧରେ, ରୁର୍କେଲା ସ୍ମାର୍ଟ ସିଟି ଲିମିଟେଡ୍ ଦ୍ୱାରା ନିଆଯାଇଥିବା କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା, ବିଶେଷକରି ସିଟି କମାଣ୍ଡର ସେଣ୍ଟର (ସିସିସି) କୋଠା ଏବଂ ଆଦିବାସୀ ସଂଗ୍ରହାଳୟ କୋଠା ନିର୍ମାଣରେ ସନ୍ତୋଷଜନକ ଅଗ୍ରଗତି ପ୍ରଦର୍ଶନ କରିଛି। ସେହିପରି ଆଦିବାସୀ ସଂଗ୍ରହାଳୟର ବିଭିନ୍ନ ଉପାଦାନ ବିଷୟରେ ଗଭୀର ଆଲୋଚନା କରି ବିଷୟବସ୍ତୁ ବିକାଶ, ଆଦିବାସୀ ଝୁମ୍ପୁଡ଼ି, କଳାକୃତି ଏବଂ ମନ୍ଦିର , ହସ୍ତଶିଳ୍ପ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ ମନୋରଞ୍ଜନ ପାର୍କ ଏବଂ ବେଦବ୍ୟାସ ଐତିହ୍ୟ ବିକାଶ ସମେତ ଚାଲିଥିବା ଅନ୍ୟ ପଦକ୍ଷେପଗୁଡ଼ିକର ବିଶେଷ ଆଲୋଚନା କରାଯାଇଥିଲା। ବୈଠକ ସହରାଞ୍ଚଳ ବିକାଶକୁ ବୃଦ୍ଧି କରିବା ଏବଂ ବାସିନ୍ଦାଙ୍କ ଜୀବନଧାରଣର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ସ୍ମାର୍ଟ ସିଟି ପଦକ୍ଷେପର ପ୍ରତିବଦ୍ଧତାକୁ ରେଖାଙ୍କିତ କରେ।

# ସୁପୋଷିତ ଓଡ଼ିଶା ମିଶନ ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୧ (ମହାଭାରତ): ରାଜ୍ୟରେ ସମସ୍ତ ଶିଶୁଙ୍କର ପୁଷ୍ଟି ସାଧନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଶିଶୁମାନଙ୍କୁ ପୋଷଣଯୁକ୍ତ କରାଇବା ପାଇଁ ସୁପୋଷିତ ଓଡ଼ିଶା ମିଶନ ଲୋକାର୍ପିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏହି ମିଶନର ଶୁଭାରମ୍ଭ କରିଛନ୍ତି । ଓଡ଼ିଶା ପୁଷ୍ଟି ମିଶନ ଅଧୀନରେ ସୁପୋଷିତ ଓଡ଼ିଶା ମିଶନ ରାଜ୍ୟରେ ଶିଶୁମାନଙ୍କୁ କୁପୋଷଣରୁ ରୋକିବା ସହିତ ପ୍ରତ୍ୟେକ ଶିଶୁର ସ୍ୱାସ୍ଥ୍ୟ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରହିଛି । ଏହି ମିଶନ ଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସୁପୋଷିତ କେନ୍ଦ୍ରରେ ପରିଣତ କରାଯିବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି । କମ୍ ଓଜନ ଓ ଦୁର୍ବଳ ଶିଶୁଙ୍କ ପାଇଁ ଉପଯୁକ୍ତ ଯତ୍ନ ନିଆଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଏତଦ୍‌ବ୍ୟତୀତ ବିଭାଗ ଦ୍ୱାରା ସମୀକ୍ଷା ଓ ତଦାରଖ ଡ୍ୟାସ୍‌ବୋର୍ଡ ପ୍ରଚଳନ କରାଯାଇଛି । ଏହା ଦ୍ୱାରା ପୋଷଣ ଟ୍ରାକର ତଥ୍ୟକୁ ତୁରନ୍ତ ସମୀକ୍ଷା କରାଯିବ । ଏହା ଦ୍ୱାରା ବାସ୍ତବିକ ବ୍ୟବଧାନକୁ ଚିହ୍ନଟ କରି ସମୁଚିତ ପଦକ୍ଷେପ ଗ୍ରହଣ କରାଯିବ । ଏଥି ସହିତ ଉନ୍ନତ ପୁଷ୍ଟି ଫଳାଫଳ ନିମନ୍ତେ ଆନ୍ତଃବିଭାଗୀୟ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ମିଳିତ ପରାମର୍ଶ ଜାରି କରାଯିବ । ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମିଶନ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚି ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, କ୍ରୀଡ଼ା ଓ ଯୁବସେବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମିଳିତ ଭାବରେ ଏକ ଏକୀକୃତ ସେବା ପ୍ରଦାନ ମଡେଲ ପ୍ରସ୍ତୁତ କରି ହିତାଧିକାରୀଙ୍କ ରକ୍ତହୀନତା, ଗେଡ଼ାପଣ, କ୍ଷୀଣକାୟ ଅବସ୍ଥା ହ୍ରାସ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଏହା ଦ୍ୱାରା ରାଜ୍ୟରେ ଶିଶୁମାନଙ୍କର ପୁଷ୍ଟିସାଧନରେ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ସେହିଭଳି ଓଡ଼ିଶାର ବିଭିନ୍ନ ସ୍ଥାନର ଖାଦ୍ୟକୁ ନେଇ ଏକ ରୋଷେଇ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଛି । ଏଥିରେ ଶହେ ପ୍ରକାରର ବ୍ୟଞ୍ଜନ ସ୍ଥାନ ପାଇଛି । ରାଜ୍ୟର ପ୍ରତ୍ୟେକ ଖାଦ୍ୟରେ ଭରି ରହିଛି ସ୍ୱତନ୍ତ୍ର ପରମ୍ପରା । ଗୋଟିଏ ସ୍ଥାନର ଖାଦ୍ୟକୁ ଅନ୍ୟ ସ୍ଥାନରେ ବାସ କରୁଥିବା ଜନସାଧାରଣଙ୍କ ନିକଟରେ ଏହା ପହଞ୍ଚାଇ ପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।



# ସାମସଙ୍ଗ ତାମିଲନାଡୁରେ ଡ଼ିଜିଟାଲ ଏବଂ ଷ୍ଟେମ ଶିକ୍ଷାକୁ ମଜବୁତ କରୁଛି

ଭୁବନେଶ୍ୱର,୨୦।୧୧ (ମହାଭାରତ): ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ୟୁନାଇଟେଡ଼ ନେସନ ଗ୍ଲୋବାଲ କମ୍ପାକ୍ଟ ନେଟୱାର୍କ ଇଣ୍ଡିଆ (ୟୁଏନ ଜିସିଏନଆଇ) ସହିତ ସହଭାଗୀତାରେ ଆଜି ଡ଼ିଜିଆରିଭୁର ଶୁଭାରମ୍ଭ କରିବାକୁ ଯାଉଛି - ଯାହାକି ଛାତ୍ର ମାନଙ୍କୁ ପ୍ରଯୁକ୍ତି ବିଦ୍ୟା ଜରିଆରେ ସଶକ୍ତ କରିବା ସହିତ ଏହା ଏକ ଶିକ୍ଷା କାର୍ଯ୍ୟକ୍ରମ ଯାହାର ଲକ୍ଷ୍ୟ ଡ଼ିଜିଟାଲ ଏବଂ ବିଜ୍ଞାନ, ଜ୍ଞାନକୌଶଳ, ଯାନ୍ତ୍ରିକୀ ଏବଂ ଗଣିତ (ଷ୍ଟେମ) ଶିକ୍ଷାକୁ ତାମିଲନାଡୁରେ ଅଧିକ ମଜବୁତ କରିବା। ଏଭଳି ଏକ ପଦକ୍ଷେପ ଜରିଆରେ, ସାମସଙ୍ଗ ବିଦ୍ୟାଳୟର ଭିତିଭୂମି ଗୁଡ଼ିକୁ ଅପଗ୍ରେଡ଼ କରିବା ସହିତ, ଷ୍ଟେମ ଏବଂ ଡ଼ିଜିଟାଲ ଶିକ୍ଷାକୁ ସକ୍ଷମ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ତଥା ତାମିଲନାଡୁର କାଂଚିପୁରମ ଏବଂ ରାନୀପେଟ ଜିଲ୍ଲା ଗୁଡ଼ିକରେ ଥିବା ୧୦ଟି ସରକାରୀ ବିଦ୍ୟାଳୟରେ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ବୌଦ୍ଧିକ ବିକାଶ ସର୍ବୋପରି ୩୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ମାନଙ୍କୁ ଏହା ଦ୍ୱାରା ଉପକୃତ କରିବା। ଡ଼ିଜିଆରିଭୁର ଅଂଶବିଶେଷ ଭାବରେ, ସାମସଙ୍ଗ ଏକ ବିବିଧ-ସ୍ତରଯୁକ୍ତ, ସମ୍ପ୍ରଦାୟ କୈନ୍ଦ୍ରିକ ମଡ଼େଲକୁ ଉପଯୋଗ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ରହିଥିବା ଦୁଇସ୍ତରୀୟ ଏବଂ ତିନିସ୍ତରୀୟ ଜିଲ୍ଲା ଗୁଡ଼ିକରେ ଶିକ୍ଷଣ ଇକୋପ୍ରଣାଳୀରେ ପରିବର୍ତ୍ତନ ଆଣିବା। ୟୁଏନ ଜିସିଏନଆଇର ଗବେଷଣା ଆଧାରିତ କାର୍ଯ୍ୟକ୍ରମର ଡ଼ିଜାଇନ ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଗୁଡ଼ିକରେ ଏହି କାର୍ଯ୍ୟକ୍ରମକୁ ଉପସ୍ଥାପିତ କରିବା ଯାହା ସାମସଙ୍ଗର ଶ୍ରୀପେରୁମ୍ବୁଦୁର ଉତ୍ପାଦନ ପ୍ଲାଂଟ ଏବଂ ସଂପ୍ରଦାୟର ସଦସ୍ୟ ମାନଙ୍କ ମଧ୍ୟରେ ରହିଥିବା ଇନପୁଟକୁ ନେଇ ଏହା କ୍ଷେତ୍ରର ଆବଶ୍ୟକତାକୁ ନେଇ ବାସ୍ତବ ଦିଗରେ ଏହି କାର୍ଯ୍ୟକ୍ରମକୁ ଉପଯୋଗ କରିବା।

# ଆଇବିସିଏସ୍ ପକ୍ଷରୁ 'ଫିନାନ୍ସ ଫ୍ୟୁଜନ୍ ୨.୦'

ଭୁବନେଶ୍ୱର,୨୦।୧୧ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ମହିଳାମାନଙ୍କ ନିମନ୍ତେ ଏକ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ୱିନିୟର୍ସ ଫୋରମ୍‌ର ସହଭାଗିତାରେ "ଫିନାନ୍ସ ଫ୍ୟୁଜନ୍ ୨.୦ – ଏମ୍‌ପାୱାରିଂ ୱିମେନ୍ ଥ୍ରୁ ଫିନାନ୍ସ" ଶୀର୍ଷକ ଏହି କାର୍ଯ୍ୟକ୍ରମ ସୋଆ କ୍ୟାମ୍ପସ୍‌ରେ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟସଭା ସାଂସଦ ଶ୍ରୀମତି ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ଲୋପୋର୍ଟ ଫୋଟୋନିକ୍ସର ସହ ପ୍ରତିଷ୍ଠାତା ଓ ମୁଖ୍ୟ ଅର୍ଥନୈତିକ ଅଧିକାରୀ ଶ୍ରୀମତି ବୁସ୍ରା ଖାନ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ୱିନିୟର୍ସ ଫୋରମ୍‌ର ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଶ୍ରୀମତି ଜୟନ୍ତୀ ମହାପାତ୍ର ଏବଂ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ରାମକୃଷ୍ଣ ମିଶ୍ର ଓ ଆସିଷ୍ଟାଂଟ ପ୍ରଫେସର ଡକ୍ଟର ପଲ୍ଲବୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଡ଼ିଶାର ବିଭିନ୍ନ ଅଂଚଳରୁ ୪୦ ରୁ ଅଧିକ ମହିଳା ଉଦ୍ୟୋଗୀ ଏଥିରେ ଯୋଗ ଦେଇଥିଲେ। ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଜେଟ, ଆର୍ଥିକ ଯୋଜନା, ଅର୍ଥ ପରିଚାଳନା ଏବଂ ଆର୍ଥିକ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଏନ୍‌ଟିପିସି, ଆଇଡିବିଆଇ ବ୍ୟାଙ୍କ, ହିନ୍ଦୁସ୍ତାନ ଜୁଏଲର୍ସ, ପାରାଦ୍ୱୀପ ପରିବହନ ଲିମିଟେଡ ଏବଂ ସ୍ୱାବଲମ୍ବୀ ଓଡ଼ିଶା ସହଯୋଗ କରିଥିଲେ।




# ଏଆଇ ଏବଂ ଡ଼ିଜିଟାଲ ବ୍ୟାଙ୍କିଙ୍ଗ ଏସଏମଇ ଭିତିଭୂମିକୁ ପୁନଃରୂପରେଖ ପ୍ରଦାନ କରିଛି କୋଟାକ୍

ଭୁବନେଶ୍ୱର,୨୦।୧୧ (ମହାଭାରତ): ସମଗ୍ର ଓଡ଼ିଶାରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସଏମଇ ସମୂହ) ଏକ ଦ୍ରୁତଶୀଳ ଡ଼ିଜିଟାଲ ରୂପାନ୍ତରିକରଣକୁ ନେଇ ଆଗେଇ ଚାଲିଛି ଏଥି ସହିତ ଭୁବନେଶ୍ୱରର ନବୀନତମ, ଅର୍ଥ ପ୍ରଯୁକ୍ତି ଗ୍ରହଣକାରୀତା ଏବଂ ଏଆଇ ଅଗ୍ରଣୀ ଅଭିବୃଦ୍ଧି ସହିତ ଏକ ପ୍ରମୁଖ ହବ ଭାବରେ ପ୍ରତିଷ୍ଠିତ ହେବାକୁ ଯାଉଛି। ୧୯ ଲକ୍ଷରୁ ଅଧିକ ଏମଏସଏମଇର ଅବଦାନ ସହିତ ଏହା ରାଜ୍ୟର ଅର୍ଥନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଯାହା ମଧ୍ୟରେ ରହିଛି ତନ୍ତଶିଳ୍ପ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଯାନ୍ତ୍ରିକୀ, ଏଆଇ କ୍ଷମତା ଆଡ଼କୁ ଆକର୍ଷିତକାରୀତାର ବିଭିନ୍ନ ଉପାୟ ଏବଂ ଡ଼ିଜିଟାଲ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଯାହାକି ଯଥାର୍ଥରେ ଦକ୍ଷତା, ମାନଦଣ୍ଡ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗୀତା ମନଭାବକୁ ନେଇ ଅନେକ ଗୁଡ଼ିଏ ନୂଆ ନୂଆ ସୁଯୋଗର ତାଲା ଖୋଲି ପାରିଛି। ଏହି ମୁହୂର୍ତ୍ତକୁ ଆହୁରି ଅଧିକ ବ୍ୟାପକ କରିବା ପାଇଁ, ଓଡ଼ିଶା ରାଜ୍ୟ ସରକାର ଅନେକ ଗୁଡ଼ିଏ ସଫଳକାରୀ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି ଯାହା ମଧ୍ୟରେ ରହିଛି, ସମନ୍ୱିତ ଗ୍ଲୋବାଲ ଫିନଟେକ ସକ୍ଷମକାରୀ ହବ ଏବଂ ଓଡ଼ିଶା ଆଇଟି ପଲିସି ୨୦୨୫, ଯାହାର ମୂଳଲକ୍ଷ୍ୟ ଡ଼ିଜିଟାଲ କୁଶଳତାକୁ ଆଗକୁ ବଢ଼ାଇବା ସହିତ, ନବୀନତମ ଏବଂ ଏସଏମଇ ଗୁଡ଼ିକ ମଧ୍ୟରେ ଫିନଟେକ୍ ସମନ୍ୱିତକାରୀତା ପ୍ରତିଷ୍ଠା କରିବା।

# ଭୁବନେଶ୍ୱରରେ ଏକତା ପଦଯାତ୍ରା

ଭୁବନେଶ୍ୱର,୨୦।୧୧ (ମହାଭାରତ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସବୁବର୍ଗର ଜନସାଧାରଣ ସାମିଲ ହୋଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ଏକତା ପଦଯାତ୍ରରେ ସାମିଲ ହୋଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଓ ତ୍ୟାଗର ସ୍ମୃତିଚାରଣ କରିଥିଲେ। ଲୌହମାନବଙ୍କ ବଳିଷ୍ଠ ନେତୃତ୍ୱରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଏକତା ଓ ସଂହତି ପ୍ରତିଷ୍ଠିତ ହୋଇପାରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାରତର ସାର୍ବଭୌମ୍ୟ ଓ ଏକତା ଅକ୍ଷୁର୍ଣ୍ଣ ରଖିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମଧ୍ୟ ଅନୁରୂପ ଭାବରେ ଭାରତରନ୍ ସର୍ଦ୍ଦାର ପଟେଲଙ୍କର ତ୍ୟାଗ ଓ ଅବଦାନ ସଂପର୍କରେ ନିଜର ମତ ରଖିଥିଲେ।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ଜଗନ୍ନାଥ ପ୍ରଧାନ, ମନମୋହନ ସାମଲ ପ୍ରମୁଖ ସାମିଲ ଥିଲେ।



# ଆମୱେ ପ୍ରଚଳନ କଲା 'ନ୍ୟୁଟ୍ରିଲାଇଟ୍ ଭିଟାମିନ ଡି ପ୍ଲସ୍ ବୋରୋନ'

ଭୁବନେଶ୍ୱର,୨୦।୧୧ (ମହାଭାରତ): ସାମ୍ପ୍ରତିକ ଜୀବନଶୈଳୀ ଦ୍ୱାରା ପୁଷ୍ଟିଗତ ତାରତମ୍ୟ ବୃଦ୍ଧିପାଉଥିବାବେଳେ ଉପଭୋକ୍ତମାନେ ସୁସ୍ଥ ଜୀବନକୁ ସମର୍ଥନ କରିବା ନିମନ୍ତେ ପୂର୍ଣ୍ଣାଙ୍ଗ କଲ୍ୟାଣ ଆଡକୁ ମୁହାଁଉଛନ୍ତି। ଏହିଭଳି ଏକ ଚିନ୍ତାର ବିଷୟ ହେଉଛି ଭିଟାମିନ୍ ଡି ପର୍ଯ୍ୟାପ୍ତ ନହେବା, ଯାହା ଏକ ନିରବ ମହାମାରୀ ହୋଇଛି ଏବଂ ବୟସ ନିର୍ବିଶେଷରେ ଜନସାଧାରଣଙ୍କୁ ଆକ୍ରାନ୍ତ କରୁଛି ଏବଂ ଏହି ପୁଷ୍ଟିଗତ ତାରତମ୍ୟ ଦୂର କରିବାକୁ ସକ୍ରିୟ ଭାବରେ ଦୃଷ୍ଟି ଦେବା ଆବଶ୍ୟକ କରୁଛି। ଉପଭୋକ୍ତାଙ୍କ ଆବଶ୍ୟକତା ଦ୍ୱାରା ପରିଚାଳିତ ହୋଇ ଏବଂ ଏହାର ପୁଷ୍ଟିଗତ ଅଜ୍ଞତାକୁ ଆଗେଇ ନେଇ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଏକ ଅଗ୍ରଣୀ କମ୍ପାନୀ ଆମୱେ଼ତବ ଇଣ୍ଡିଆ ଶୀର୍ଷସ୍ତରର ଭିଟାମିନ ଡି ବଜାୟ ରଖୁଥିବା ତଥା ଅସ୍ଥି ଓ ରୋଗ ପ୍ରତିରୋଧ ସ୍ୱାସ୍ଥ୍ୟକୁ ସମର୍ଥନ କରୁଥିବା ବ୍ୟବସ୍ଥା ବଜାୟ ରଖିବାକୁ ବିଜ୍ଞାନସମ୍ମତ ଭାବରେ ଉପାଦାନ ଗୁଡିକୁ ନେଇ ଡିଜାଇନ କରାଯାଇଥିବା ନ୍ୟୁଟ୍ରିଲାଇଟ ଭିଟାମିନ ଡି ପ୍ଲସ୍ ବୋରୋନ ପ୍ରଚଳନ କରିଛି। ଏହାର ଶୁଭାରମ୍ଭ ଅବସରରେ ପ୍ରକାଶ କରି ଶ୍ରୀ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, "ବର୍ତ୍ତମାନର ଦ୍ରୁତ ଗତିଶୀଳ ଦୁନିଆଁରେ ପରିବର୍ତ୍ତିତ ଜୀବନଶୈଳୀ ଏବଂ ସୂର୍ଯ୍ୟକିରଣ ସହିତ ସୀମିତ ସଂସ୍ପର୍ଶରେ ଆସିବା ଘଟଣା ସମଗ୍ର ଭାରତରେ ଭିଟାମିନ ଡି ଅଭାବରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇଛି।

# ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୧୭ କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର,୨୦।୧୧ (ମହାଭାରତ): ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡିଶା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମା'ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୃଦୃଢ଼ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି। ଏହା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଭିତିକୁ ସୁଦୃଢ଼ କରିବା ସହିତ ଅଧିକ ବଜାର ସୁଯୋଗ ସୃଷ୍ଟି କରି ମହିଳା ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହିତ କରୁଛି। ମଙ୍ଗଳବାର ମିଶନ ଶକ୍ତି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମ "ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସୁଧ ଫେରସ୍ତ"ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ। ସରକାର ମହିଳା ମାନଙ୍କ ପାଇଁ ଜୀବିକାମୂଳକ ଅର୍ଥନୈତିକ ମଡେଲ୍ ମାଧ୍ୟମରେ ସଶକ୍ତ କରିବା ପାଇଁ ସଦା ପ୍ରତିବଦ୍ଧ ବୋଲି ସେ କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜୀବନ ଜୀବିକାର ବିକାଶ ତଥା ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବ୍ୟାଙ୍କ ଋଣ ବ୍ୟବସ୍ଥା। ଗୋଷ୍ଠୀ ମାନଙ୍କ ଉପରେ ସୁଧ ପରିଶୋଧର ଭାର ହ୍ରାସ କରିବା ପାଇଁ ଓଡିଶା ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେଉଥିବା ବ୍ୟାଙ୍କଋଣ ରାଶିକୁ ବୃଦ୍ଧି କରିବା ସହ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତକୁ ଆଣିଛନ୍ତି। ଏହି ସୁଧ ଫେରସ୍ତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଯାଇଥାଏ। କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୨ ଲକ୍ଷ ୨୪ ହଜାର ୮୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୧୧୭ କୋଟି ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କାର ସୁଧ ରାଶି ଫେରସ୍ତ କରିଥିଲେ।



# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଜଳ ପରିଚାଳନା ଏବଂ ଜୈବ ବିବିଧତା ତାଲିମ

ଭୁବନେଶ୍ୱର,୨୦।୧୧ (ମହାଭାରତ): ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ ଜଳ ପରିଚାଳନା ଏବଂ ଜୈବ ବିବିଧତା ଉପରେ ୟୁଏନ୍ ଗ୍ଲୋବାଲ କମ୍ପାକ୍ଟ ନେଟୱର୍କ ଇଣ୍ଡିଆ (ୟୁଏନ୍‌ଜିସିଏନ୍‌ଆଇ) ସହଯୋଗୀତାରେ ଏକ ଦୁଇ ଦିନିଆ କର୍ପୋରେଟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ କମ୍ପାନୀର ସମ୍ବଲପୁର ଜିଲ୍ଲାର ଲପଙ୍ଗାସ୍ଥିତ କାରଖାନାରେ ନଭେମ୍ବର ୧୮ ଓ ୧୯ ତାରିଖରେ ଆୟୋଜିତ ହୋଇଥିଲା। ଏଥିରେ ସମଗ୍ର ସମ୍ବଲପୁର, ଝାରସୁଗୁଡା ଏବଂ ଓଡ଼ିଶାରୁ ୨୨ଟି ଅଗ୍ରଣୀ ଶିଳ୍ପ ଓ ଶିକ୍ଷା ସଂସ୍ଥାନଗୁଡିକରୁ ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ଭାଗ ନେଇଥିଲେ। ଏହି କର୍ମଶାଳା ଜଳ ସଂରକ୍ଷଣ, ଜଳର ମାନ ପରିଚାଳନା ଏବଂ ନଦୀ ପରିବ୍ୟବସ୍ଥା ସ୍ୱାସ୍ଥ୍ୟ ସମ୍ପର୍କିତ ବୈଷୟିକ ଓ ନୀତିସମ୍ପର୍କିତ ସାମର୍ଥ୍ୟକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଥିଲା। ଏଥିରେ ମଧ୍ୟ ମଜଭୁତ ନଦୀ ଅବବାହିକାଗୁଡିକୁ ବଜାୟ ରଖିବାରେ ନଦୀକୂଳିଆ ଜୈବ ବିବିଧତାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

# ଲୋକଙ୍କ ଜୀବିକାକୁ ସୁଦୃଢ଼ କରୁଛି ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ବାସ୍କେଟ୍ରି'

ଭୁବନେଶ୍ୱର,୨୦।୧୧ (ମହାଭାରତ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଏନ୍‌ଜିଓ ଅପ୍‌ହୋଲ୍ଡ ଆର୍ଥ ସହଯୋଗୀତାରେ ଏକ ଅନନ୍ୟ ପ୍ରୟାସ 'ପ୍ରୋଜେକ୍ଟ ବାସ୍କେଟ୍ରି' ଜରିଆରେ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ଏବଂ ପାରିବେଶିକ ଅଗ୍ରଗାମୀତାକୁ ପ୍ରତିପାଳନ କରୁଛି। ଏହି ପ୍ରକଳ୍ପ ସମ୍ବଲପୁର ଜିଲ୍ଲାର ଲାଉମାଳ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ପାରମ୍ପରିକ ବାଉଁଶ ହସ୍ତଶିଳ୍ପର ପୁନରୁଦ୍ଧାର ଦ୍ୱାରା ଗ୍ରାମୀଣ ମହିଳାମାନଙ୍କ ନିମନ୍ତେ ସ୍ଥିର ଆୟକାରୀ ସୁଯୋଗଗୁଡିକ ସୃଷ୍ଟି କରିବାକୁ ଚାହୁଁଛି। ପ୍ରୋଜେକ୍ଟ ବାସ୍କେଟ୍ରିର ମୂଳ ଲକ୍ଷ୍ୟ ହେଉଛି ଅତ୍ୟାବଶକ ସମ୍ବଳ ଏବଂ ଦକ୍ଷତା ସହିତ ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା। ଏହି ପ୍ରୟାସ ଅଧୀନରେ ଏକ ନବୀକରଣଯୋଗ୍ୟ ଏବଂ ପରିବେଶ ଅନୁକୂଳ ସମ୍ବଳ ଭାବରେ ବାଉଁଶ ଚାଷକୁ ଉତ୍ସାହିତ କରିବାକୁ ଗୋଷ୍ଠୀ ସଦସ୍ୟମାନଙ୍କ ମଧ୍ୟରେ ବାଉଁଶ ଚାରା ବଣ୍ଟନ କରାଯାଉଛି। କାରିଗରମାନଙ୍କୁ ସେମାନଙ୍କର ନିଜର ବାଉଁଶ ଚାଷ କରିବା ନିମନ୍ତେ ସମର୍ଥ କରାଇ ଏହି ପ୍ରକଳ୍ପ କଞ୍ଚାମାଲ ଯୋଗାଣର ନିରନ୍ତର ଯୋଗାଣ ସୁନିଶ୍ଚିତ କରାଇବା ସହିତ ଦୀର୍ଘସୂତ୍ରୀ ଜୀବିକା ଉପାର୍ଜନରେ ସ୍ଥିରତା ଏବଂ ଆତ୍ମନିର୍ଭରତାକୁ ପ୍ରତିପାଳନ କରୁଛି।

# ଏନଡିଏ ସପକ୍ଷରେ ରାୟ

ଭୋଟ ଗ୍ରହଣ ପରେ ବିଭିନ୍ନ ଏକଜିଟ ପୋଲ ରିପୋର୍ଟରେ ଏହା ହିଁ ଆକଳନ କରାଯାଇଥିଲା । ଏହା ସଠିକ ପ୍ରମାଣିତ ହୋଇଛି । ବରଂ ଏନଡିଏକୁ ଆକଳନଠାରୁ ଅଧିକ ଆସନ ମିଳିଛି । ବିହାର ନିର୍ବାଚନରେ ରେକର୍ଡ ସଂଖ୍ୟକ ମତଦାନ ପରେ ଅନେକ ବିଚାର କରୁଥିଲେ ଯେ, ବିପୁଳ ମତଦାନ ବିରୋଧୀ ଦଳ ସପକ୍ଷରେ ଯିବ ଏବଂ ବିହାରବାସୀ ଏଥର ପରିବର୍ତ୍ତନ ସପକ୍ଷରେ ରାୟ ଦେଇଛନ୍ତି । କିନ୍ତୁ ତାହା ଭୁଲ ପ୍ରମାଣିତ ହୋଇଛି । ବିପୁଳ ମତଦାନ ସବୁ ବେଳେ ବିରୋଧୀ ଦଳ ସପକ୍ଷରେ ବା ପରିବର୍ତ୍ତନ ସପକ୍ଷରେ ଯିବ ବୋଲି ଭାବିବା ଭୁଲ । ଅନେକ ସମୟରେ ବିପୁଳ ମତଦାନ ସ୍ଥିତାବସ୍ଥା ସପକ୍ଷରେ ମଧ୍ୟ ଯାଇଥାଏ । ବିହାରରେ ତାହା ପୁନଃପ୍ରମାଣିତ ହୋଇଛି । ନୀତିଶ କୁମାରଙ୍କ ନେତୃତ୍ୱାଧିନ ସରକାର ସପକ୍ଷରେ ହଲୋକେ ରାୟ ଦେଇଛନ୍ତି । ଏହା ସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାରକୁ ମଧ୍ୟ ଲୋକେ ପସନ୍ନଦ କରିଛନ୍ତି । ଏହି ନିର୍ବାଚନରେ ମୋଦି-ନୀତି ଓ ଅନ୍ୟ ପଟେ ରାହୁଲ-ତେଜସ୍ୱୀଙ୍କ ମଧ୍ୟରେ ମୁକାବିଲା ହେଉଥିଲା । ବିହାରବାସୀ ରାହୁଲ-ତେଜସ୍ୱୀଙ୍କୁ ଅଗ୍ରାହ୍ୟ କରିଛନ୍ତି । ବାସ୍ତବରେ ଦେଶରେ ବିଜେପି ବା ଏନଡିଏର ବିଜୟ ପଛରେ ବଡ଼ କାରଣ ହେଲା ରାହୁଲ ଗାନ୍ଧିଙ୍କ ଅପାରଗତା । ରାହୁଲ ଗାନ୍ଧିଙ୍କୁ ଦେଶବାସୀ ପସନ୍ଦ କରୁ ନାହାଁନ୍ତି । ସେ ଏବେ ବି ଜଣେ ଅପରିପକ୍ୱ ନେତା ଭାବେ ବିଚେିତ ହେହଉଛନ୍ତି । ସେ କଥା କହିଲେ ବିଜେପିର ଭୋଟ ବଢୁଛି । ତାଙ୍କର ଭୋଯ ଚୋରି ଅଭିଯୋଗକୁ ଲୋକେ ବିଶ୍ୱାସ କରୁ ନାହାଁନ୍ତି କିମ୍ବା ଗ୍ରହଣ କରୁ ନାହାଁନ୍ତି । ରାହୁଲଙ୍କ ଭଳି ବିରୋଦୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ମଧ୍ୟ ଲୋକଙ୍କ ପସନ୍ଦ ହେଲେ ନାହିଁ । ମୁଖ୍ୟମନ୍ତ୍ରୀ ହେବାକୁ ତାଙ୍କର ଯୋଗ୍ୟତା ବା ପରିପକ୍ୱତା ନାହିଁ । ତାଙ୍କ ତୁଳନାରେ ନୀତିଶ କୁମାର ନେତୃତ୍ୱ ଏବଂ ବ୍ୟକ୍ତିତ୍ୱ ଦୃଷ୍ଟିରୁ ବହୁ ଆଗରେ । ଏଥର ବିହାର ବିଧାନସଭା ନିର୍ବାଚନର ବହୁ ପୂର୍ବରୁ ଶାସକ ଏନଡିଏର ପ୍ରମୁଖ ଅଂଶୀଦାର ଦଳ ମଧ୍ୟରେ ଆସନ ବୁଝାମଣା ହୋଇପାରିଲା । ଅମିତ ଶାହଙ୍କ ହସ୍ତକ୍ଷେପ ଯୋଗୁ ତାହା ସମ୍ଭବ ହେଲା । ଏନଡିଏର ସବୁ ଅଂଶୀଦାର ଦଳ ମଧ୍ୟରେ ଉପଯୁକ୍ତ ତାଳମେଳ ରହିଲା । କିନ୍ତୁ ବିରୋଧୀ ମହାମେଣ୍ଟର ଅଂଶୀଦାର ଦଳ ମଧ୍ୟରେ ଶେଷ ପର୍ଯ୍ୟନ୍ତ ଆସନ ବୁଝାମଣା ହୋଇପାରିଲା ନାହିଁ ଏବଂ ଅଂଶୀଦାର ଦଳ ମଧ୍ୟରେ ଉପଯୁକ୍ତ ତାଳମେଳ ରହିଲା ନାହିଁ । ଏହା ହିଁ ମହାମେଣ୍ଟ ପରାଜୟର ଏକ ପ୍ରମୁଖ କାରଣ । କଂଗ୍ରେସ ଓ ଆରଜେଡି ସଂଖ୍ୟାଲଘୁ ଭୋଟ ଶତ ପ୍ରତିଶତ ପାଇବେ ବୋଲି ଯେଉଁ ଆଶା ରଖିଥିଲେ ତାହା ଭୁଲ ପ୍ରମାଣିତ ହେଲା । ଏଥର ବିହାରରେ ମହିଳାଙ୍କ ମତଦାନ ହାର ଅଧିକ ଥିଲା । ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହେଲା । ମହିଳାମାନେ ଏନଡିଏ ସପକ୍ଷରେ ଭୋଟ ଦେଇଛନ୍ତି । ନିର୍ବାଚନ ପୂର୍ବରୁ ନୀତିଶ କୁମାର ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏଁ ପଠାଇଲେ । ଏହା ମ୍ୟାଜିକ କଲା । ତେଜସ୍ୱୀ ଯାଦବ ସବୁ ପରିବାରର ଜଣକୁ ଚାକିରୀ ମିଳିବ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ଲୋକେ ବିଶ୍ୱାସ କଲେ ନାହିଁ । ଅତୀତରେ ଲାଲୁଙ୍କ ଦୁର୍ନୀତିକୁ ଲୋକେ ଏ ପର୍ଯ୍ୟନ୍ତ ଭୁଲି ନାହାଁନ୍ତି । ଅନ୍ୟ ପକ୍ଷରେ କେନ୍ଦ୍ରର ସହଯୋଗରେ ରାଜ୍ୟରେ ନୀତିଶ କୁମାର ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ଲୋକେ ପସନ୍ଦ କରିଛନ୍ତି ଏବଂ ରାଜ୍ୟର ବିକାଶ ନିମନ୍ତେ ଜାତି-ଧର୍ମ ପ୍ରସଙ୍ଗକୁ ପଛକୁ ଠେଲି ଏନଡିଏ ସପକ୍ଷରେ ରାୟ ଦେଇଛନ୍ତି । ବିହାରରେ ଡବଲ ଇଞ୍ଜିନ ଫର୍ମୁଲା ସଫଳ ହୋଇଛି । ଲୋକେ ବିକାଶ ପାଇଁ ଏନଡିଏକୁ ପୁଣି ୫ ବର୍ଷ ନିମନ୍ତେ କ୍ଷମତା ପ୍ରଦାନ କରିଛନ୍ତି ।

# ରାଜ୍ୟରେ ଜଳ ସଙ୍କଟ

**॥ ଡ଼ଃ. ଅରୁନ୍ଧତୀ ଦେବୀ ॥**

*ଜଳର ଅନ୍ୟନାମ ଜୀବନ । ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି । ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି । ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି ।*

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି । ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି । ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି । ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି । ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି । ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି । ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି । ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି । ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି ।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି । ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ । ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି । ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ । ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି । ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି । ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ । ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ । ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି । ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି । ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି । ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି । ଗତବର୍ଷ ଫେବୃଆରକୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି । ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି । ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି । ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି ।

ଜଳର ଅନ୍ୟନାମ ଜୀବନ । ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି । ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି । ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି । ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ । ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି । ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି । ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି । ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି । ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ । ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳା ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି । ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ । ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର । ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ । ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ । ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି ।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି । ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ । ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି । ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ । ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି । ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି । ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି । ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି । ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି । ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି । ୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି । ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି । ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି । ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି । ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି । ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ । ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ । ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ । କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# କପୋତପକ୍ଷୀ ଗୁରୁମୋର

**॥ ଅଜୟ କୁମାର ବେହେରା ॥**

ସାମାନ୍ୟ ଚଢ଼େଇଟିଏ ସମସ୍ତେ ଭାବନ୍ତି ମାତ୍ର ତା ଠାରୁ ତାର ଚରିତ୍ରରୁ ଜ୍ଞାନ ଶିକ୍ଷା କରିଥିଲେ ଦତ୍ତାତ୍ରେୟ ଯେ ଭାଗବତର ଅବଧୂତ କପୋତପକ୍ଷୀ ପରି ତାଙ୍କ ଆଉ ତେଇଶ ଗୁରୁ ଥିଲେ ମୋଟ ଚବିଶ ଗୁରୁରେ ଦତ୍ତାତ୍ରେୟ ତାଙ୍କର ଜୀବନର ଭିତ୍ତି ବାନ୍ଧିଥିଲେ । ମାତା ଅନୁସୂୟା, ଯାହା ଅସୂୟା ଭାବ ନାହିଁ ସେ ହିଁ ଅନସୂୟା ଆଉ ପିତା ଜଣେ ଋଷି, ଋଷି ବା ଗୁଣ ଯାହାର ଥାଏ ଅର୍ଥାତ୍ ଭୋଗ ପରମ୍ପରାରେ କେଉଁ ଭୁଲ ରହିଛି ତାକୁ ଚିହ୍ନଟ ସନାକ୍ତ କରି ତହିଁରେ ବିପ୍ଳବୀ ହେବା, ହେଲେ ତାଙ୍କ ନାମ ଅତ୍ରୀ । ତ୍ରି ତାଙ୍କର ନଥିଲା । ଅର୍ଥାତ୍ ତ୍ରିଗୁଣ ସତ୍ତ୍ୱ, ରଜ, ତମରେ ସେ ବିଶେଷ ସଂସ୍କାରିତ । ଏ ତିନିଗୁଣ କେମିତି କେଉଁ ପରିସ୍ଥିତିରେ ବ୍ୟକ୍ତି ନିୟନ୍ତ୍ରଣ ରଖିବ ଏପରି ସାଧନାରତ । ଏହାଙ୍କର ପୁତ୍ର ମଧ୍ୟରେ ଦତ୍ତାତ୍ରେୟ ଆସିଥିଲେ । ଅତ୍ରେୟ ବଂଶୋଦ୍ଭବ ନାମକରା ପୁରୁଷ, ଯେ ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଆଶୀର୍ବାଦ ସମ୍ଭୁତ ସମ୍ମିଳିତ ସୃଷ୍ଟି ସ୍ଥିତି ସଂହାର ଶକ୍ତିର ମିଶ୍ରଣ ଶକ୍ତିର ଯୌଥରୂପ ।

ସେ ସ୍ୱୟଂ ଗୁରୁ ହୋଇନାହାଁନ୍ତି ସେ ଗୁରୁ କରିଛନ୍ତି ଚବିଶ ଜଣଙ୍କୁ । ଚବିଶ ଜଣଙ୍କ ମୌଳିକ ଗୁଣ ଶିକ୍ଷାରେ ସେ ଶିକ୍ଷିତ ଓ ଶିକ୍ଷକ । ଏବି ମୋର ଗୁରୁଙ୍କ ଗୁରୁ ଏମିତି କି ମୋର ମାନସ ଗୁରୁ, ତାଙ୍କର ଭଜନ ସାଇ ଭଜନରେ ମୁଁ ବେଳା ବେଳେ ପାଳିଧରି ହୃଦୟକୁ ନେଇଥିଲି ଓ ଶିରିଡ଼ି ସାଇଙ୍କ ମନ୍ଦିର ଶିରିଡ଼ିରେ ତାଙ୍କର ମୂର୍ତ୍ତିକୁ ପ୍ରଥମେ ଦେଖିକରି ଓ ସତ୍ୟସାଇବାବାଙ୍କ ପିତାମାତାଙ୍କ ସମାଧି ମନ୍ଦିର ପରିସରରେ ନୃସିଂହନାଥ ମନ୍ଦିର ବେଢ଼ାରେ ଦତ୍ତାତ୍ରେୟଙ୍କ ମନ୍ଦିରରେ ଦିଁଙ୍କ ପ୍ରତିମୂର୍ତ୍ତି ଅନେକଥର ଦର୍ଶନ କରିଛି । ପରେ ମାୟାପୁରୀ, ହରିଦ୍ୱାରରେ ଗୋରଖନାଥଙ୍କ ଦର୍ଶନ ପରେ ସେଠାରେ ଥିବା ଅଧକ୍ଷଙ୍କ ପାଖରୁ ମୁଁ ଗୁରୁଜ୍ଞାନ ପାଇଲି ଓ ସେଠାରେ ଦତ୍ତାତ୍ରେୟଙ୍କ ପ୍ରତ୍ୟକ୍ଷ ପୂଜାର ଅବସର ମିଳିଥିଲା । ଢ଼େଙ୍କାନାଳ କପିଳାସ ପାହାଡ଼ ପାଦ ଦେଶରେ ଅଛି ତାରଣ କ୍ଷେତ୍ର ଯାହା ମହାରାଷ୍ଟ୍ରର ପ୍ରଖ୍ୟାତ ଜ୍ୟୋର୍ତିଲିଙ୍ଗ ଭୀମାଶଙ୍କରଙ୍କ ପର୍ବତ ତଳ ଆଶ୍ରମ ଅଧକ୍ଷ ଶ୍ରୀଗଣେଶ୍ୱର ମହାରାଜଙ୍କ ଦ୍ୱାରା ପ୍ରେରଣାରେ ଆମ ଓଡ଼ିଶାର ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ୰ଦ୍ୱାରିକାମୋହନ ମିଶ୍ରଙ୍କ ପ୍ରବଳ ଚେଷ୍ଟାରେ ଦତ୍ତାତ୍ରେୟ ସାଇଆଶ୍ରମ ହୋଇଛି । ଶିରିଡ଼ି ବାବାଙ୍କ ଏହା ଏକ ବିଶେଷ କ୍ଷେତ୍ର ହେଲେ ବି ଦତ୍ତାତ୍ରେୟଙ୍କ ପ୍ରତିମା ଜୀବନ୍ତ ପରି ଏଠାରେ ପ୍ରପୂଜିତ ମୁଁ ତାଙ୍କ କରୁଣାରେ ଏଠାକୁ ବହୁଥର ଦର୍ଶନକୁ ଯାଇଛି ।

ଗୁରୁ ଗୋରଖପନ୍ଥୀମାନେ ଦତ୍ତାତ୍ରେୟଙ୍କୁ ଏକ ଗୁରୁ ରୂପେ ମାନ୍ୟତା ଦିଅନ୍ତି । ଖୋଦ ସାଇବାବାଙ୍କ କହିଛନ୍ତି ଯେ ସେ ଦତ୍ତାତ୍ରେୟଙ୍କ ଏକ ଅବତାର । ଶୈବ ବୈଷ୍ଣବ ବ୍ରହ୍ମ ତିନିର ସମାହାର ପଥରେ ସେ ଧର୍ମମତ । ଏଇ ଦତ୍ତାତ୍ରେୟଙ୍କ ଉପାସନାରେ ମୋର ମାନସ ବାରମ୍ବାର ପଥ ଭୁଲିଲେ ବି ମୋର ଆସିଯାଉଛି । ତାଙ୍କପରି ମୋର ଅନେକ ଗୁରୁ ଶୈବ ଶାକ୍ତ ବୈଷ୍ଣବ ସୌର ଗାଣପତ୍ୟ ସମ୍ପ୍ରଦାୟରେ ଗୁରୁ ଅଛନ୍ତି । ଶାକ୍ତରେ ଦୁର୍ଗା, କାଳୀ ଦଶମହାବିଦ୍ୟା ମନ୍ତ୍ର ତନ୍ତ୍ରଶାସ୍ତ୍ରରେ ମୋର ପ୍ରବଳ ଅଭିରଚି ଶ୍ରୀ ଶ୍ରୀ ଚଣ୍ଡୀ ଚଣ୍ଡୀ ପୁରାଣ ଦେବୀ ଭଗବତ ମୁଁ ଆଦରର ଗ୍ରନ୍ଥ ରୂପେ ସାଇତି ପଢ଼ିଛି । ଅନେକଙ୍କର ରୋଗ ବ୍ୟାଧି ଆଦିରେ ଚଣ୍ଡୀମନ୍ତ୍ର ପ୍ରୟୋଗ କରି ସିଦ୍ଧି ଫଳ ପାଇଛି । ମୋର ଜଣେ ୰ପ୍ରଣବାନନ୍ଦ ତ୍ରିପାଠୀ ଏମତି ଜଣେ ଶାକ୍ତ ଯେ ଅପୂର୍ବ ଜ୍ଞାନର ଭଣ୍ଡାର ସେ ମୋତେ ନିୟତି ପତ୍ରିକାର ଏକ କର୍ମଚାରୀ ଯୋଗୁ ଶ୍ରଦ୍ଧା କରି ତାଙ୍କର ଏକ ମନ୍ତ୍ରିତ ପୁସ୍ତକ ବିଶ୍ୱର ରଙ୍ଗମଞ୍ଚ ମୋତେ ପ୍ରଦାନ କରିବା ସହିତ ତାଙ୍କର ରଚିତ ଚଣ୍ଡୀର ସେପଲେସସି ଓ ଓଡ଼ିଆରେ ନବାକ୍ଷରୀ ଚଣ୍ଡୀର ସଂକ୍ଷିପ୍ତ ପୁସ୍ତକ ମୋତେ ଶ୍ରଦ୍ଧା ଭକ୍ତିରେ ପାଠ ପାଇଁ ପ୍ରଦାନ କରିଥିଲେ ।

ମୁଁ ବୈଷ୍ଣବଧର୍ମରେ ଅନେକ ମଠ ସହିତ ଜଡ଼ିତ ବୃନ୍ଦାବନ ବିନା ପଇସାରେ ମୋର ଏକ ସଂକଳ୍ପ ଯାତ୍ରା କେମିତି ସଫଳ ଏକଥା ଲମ୍ବା କାହାଣୀ । ଶ୍ରୀକୃଷ୍ଣ ଲୀଳା ମୋ ଜୀବନରେ ଘଟିଛି । ରାଧାରାଣୀ ପଇସା ନଥିଲେ ବି କେମିତି ବୃନ୍ଦାବନରେ ପେଯ ଭରି ଅମୃତ ତୁଲ୍ୟ ଭୋଜନ ଦିଅନ୍ତି । ବାଟଖର୍ଚ୍ଚ ଦେଇ ନିଅନ୍ତି, ରଖନ୍ତି, ପୁଣି ବିଦାୟ ଦିଅନ୍ତି ଏହା ମୋର ଅଙ୍ଗେଲିଭାଇବା କଥା । ତିରୁପତିରେ ଏମିତି ଏକ ଆଚମ୍ବିତ ଦର୍ଶନକୁ ହାତରେ ପଇସା ନଥାଇ ଯାଇଛି । ବହୁ ବହୁ ଭିତ ଭିତରେ ପଇସା ଦେଇ ସାଙ୍ଗମାନଙ୍କ ସହିତ ଯାଇନପାରିବି ଠାକୁରଙ୍କ ବିଜୟ ପ୍ରତିମା ମୋରି ପ୍ରତୀକ୍ଷା କଡ଼ରେ ପଟୁଆରରେ ବାହାରି ମୋରି ପାଖରେ ଠିଆ ହୋଇ କିଛି ସମୟ ବିମାନରେ ରହିଲେ ମୁଁ ତାଙ୍କୁ ଦର୍ଶନ କରି ଆତ୍ମତୃପ୍ତି ଆତ୍ମବିସ୍ମୃତି ହୋଇଛି । ଏତେଭିଡ଼ରେ ବି ରହିବା ସ୍ଥାନ ଭଗବାନ ଦୁଇ ଦିନ ରହିବା ପାଇଁ ବାସଘର ଦେଇଛନ୍ତି । ଦୁଇଦିନ ମାଗଣା ମନ୍ଦିରର ତରଫରୁ ଦିଆଯିବା ଅମୃତତୁଲ୍ୟ ଦଧିଅନ୍ନ ପେଟପୁରା ଖାଇଛି । ସର୍ବହରାଟିଏ ରେଳରେ କେତେ ଅନୁଭବ କଲେ କେହି ଅଯାଚିତ ଭାବରେ ଅନ୍ନ ଚାପ ଦେଇ ଖୋଇଛନ୍ତି । ଅନ୍ନ ପୁଣି ଏମିତି ସେମିତି ନୁହଁ ସମ୍ପୂର୍ଣ୍ଣ ବୈଷ୍ଣବନ୍ନ । କଟକ ପୁରୀର ବହୁ ଆଶ୍ରମରେ କିଛି ଦିନ ସତସଙ୍ଗ ଭଜନ କରିଛି । ଏବେ ବି ବାୟାଙ୍କ ଆଶ୍ରମ, ରାଧାରମଣ ଦେବଙ୍କ ଆଶ୍ରମ ଯାହା ବିଖ୍ୟାତ, ଖାନନଗରର ଆଶ୍ରମ ଆଦିରୁ ପ୍ରସାଦ ମହାରାଜମାନେ ଭଲ ପର୍ବ ଦିନ ଦେଖି ପଠାନ୍ତି । ଶ୍ରୀବୈକୁଣ୍ଠନାଥ ବ୍ରହ୍ମଚାରୀ ମୋର ଜଣେ ପରମ ଗୁରୁ ସେ ତାଙ୍କ ଆଶ୍ରମକୁ କିଛି ମାୟାରେ କେବେ କେବେ ପଥ ଦେଖାଇ ଭିତ୍ତି ନିଅନ୍ତି ସେଠାରେ ଗୋପାଳ ଦଧିଅନ୍ନ ଭିନ୍ନ ପ୍ରସାଦମାନ ପାଇଛି । କଟକ ଯୋବ୍ରାରେ ଥିବା ନିଗମାନନ୍ଦ ଆଶ୍ରମରେ କବେବ ଗୁରୁ ଦର୍ଶନକୁ ଗଲେ ଆଶ୍ରମର ପୂଜକ ପୁରୋହିତମାନେ ଅନ୍ନାଦି ନଖୋଇ ଛାଡ଼ନ୍ତି ନାହିଁ । ଅନେକ ନାମ କୀର୍ତ୍ତନ, ରାମାୟଣ ପରାୟଣ, ହନୁମାନ ଚାଳିଶାରେ ଶ୍ରୋତା ପାଇଁ ନିମନ୍ତ୍ରଣ ପାଇ ଗଲେ ଅନ୍ନନଖାଇ ଫେରେନାହିଁ । ମୁଁ ସାଇବାବାଙ୍କର ଦ୍ୱାରା ଆମିଷ ଭକ୍ଷଣ ଏକ ପରିସ୍ଥିତିରେ ପଡ଼ି ଛାଡ଼ିଛି । ସାଇବାବାଙ୍କର ଭଜନ ସହସ୍ରନାମ ପୂଜାରେ ବେଳେ ଭାଗ ନେଇ ସର୍ବଦା ଦିବ୍ୟାନ୍ନରେ ସମୟ କାଟିଛି । ପର୍ତ୍ତୀ ଭୋଜନ ଅନ୍ୟତ୍ର ଦୁର୍ଲଭ । ପ୍ରଭୁ ନିଳାଦ୍ରୀଶଙ୍କର ମହାପ୍ରସାଦ ପୂର୍ବରୁ ଦର୍ଶନ ଗଲେ ପାଉଥିଲି ଏବେ ଯାଇପାରୁନାହିଁ ହେଲେ ମନନ ମାତ୍ରେ ଦୁଇ ତିନିରେ କେହିନା କେହି ପ୍ରସାଦ ପହୁଞ୍ଚାଇ ଦେଉଛନ୍ତି । ପ୍ରଭୁ ବଳରାମଙ୍କ ପ୍ରସାଦ ପ୍ରତି ମାସରେ ଅନେକଥର ମୋ ଏହି କୁଟୀରରେ ଆଶ୍ଚର୍ଯ୍ୟ ଭାବରେ ପହଞ୍ଚୁଛି । ମୁଁ ତାଙ୍କର ସେ ମୋର ଏକ ଭାବନରେ ଛେଦ ନାହିଁ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପରମହଂସ ପ୍ରଜ୍ଞାନାନନ୍ଦ

**॥ ହେମନ୍ତ କୁମାର ପରିଡ଼ା ॥**

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ 'ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା ।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ ।

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ ।

ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ଦୂରଭାଷ : ୮୭୬୩୧୦୭୧୨୬

## ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ ପାରାଦୀପ ବନ୍ଦର ବର୍ଷର ପ୍ରମୁଖ ବନ୍ଦର ଭାବେ ସମ୍ମାନୀତ




ପାରାଦୀପ, (ମହାଭାରତ) : ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ ହାସଲ କରିଛି ପାରାଦୀପ ବନ୍ଦର । ମୁମ୍ବାଇର ଜିଓ ଓାର୍ଲ୍ଡ କନଭେନସନ୍‌ଠାରେ ଅନୁଷ୍ଠିତ ଏକ ସମାରୋହରେ ପାରାଦୀପ ବନ୍ଦରକୁ ଚଳିତ ବର୍ଷ ନିମନ୍ତେ ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି । ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସାମୁଦ୍ରିକ କ୍ଷେତ୍ରରେ କାର୍ଗୋ ପରିବହନ, ପରିଚାଳନାଦକ୍ଷତା ଏବଂ ସେବା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ସଫଳତା ହାସଲ କରିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କହିଛନ୍ତି ପାରାଦୀପ ବନ୍ଦର ଏହି ମାନ୍ୟତା ପାଇବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସୁଛି ।

## ହୃଦଘାତରେ ଓଏସଆରଟିସି ଡ୍ରାଇଭରଙ୍କ ମୃତ୍ୟୁ

ମାଲକାନଗିରି, (ମହାଭାରତ) : ମାଲକାନଗିରି ରେ ଆଜି ସକାଳୁ ସମୟରେ ଏକ ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି । ହୃଦଘାତରେ ଜଣେ ଓଏସଆରଟିସି ଡ୍ରାଇଭର ପି ସ୍ୱାଇଁ କ୍ରିଷ୍ଣାଙ୍କ ମୃତ୍ୟୁ ଖବର ଡ୍ରାଇଭର ଏବଂ ଅନ୍ୟ ବସ୍ କର୍ମଚାରୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ପ୍ରତ୍ୟେକ ଦିନ ଭଳି ବସଟି ବିଳମ୍ବିତ ରାତି ୧୦.୩୦ ସମୟରେ ସମସ୍ତ କର୍ମଚାରୀ ରାତ୍ରି ଭୋଜନ ସାରି ଆନ୍ଧ୍ର ପ୍ରଦେଶର ଭିଜାୟନଗରମ ଠାରୁ ମାଲକାନଗିରି ଅଭିମୁଖେ ବାହାରିଥିଲା । ଡୁମୁରିପୁଟ ନିକଟରେ ଆସି ଡ୍ରାଇଭର ପି ସ୍ୱାଇଁ କ୍ରିଷ୍ଣା ଛାତି ଯନ୍ତ୍ରଣା ଅନୁଭବ କରିଥିଲେ । ଏବଂ କୋରାପୁଟ ଜିଲ୍ଲାର କୁନ୍ଦଲି ପହଞ୍ଚିଲା ପରେ ସେ ନିଜକୁ ଅତ୍ୟାଧିକ ଅସୁସ୍ଥ ଅନୁଭବ କରିଥିଲେ ଏବଂ ସାଥି ଡ୍ରାଇଭର ପୂର୍ଣ୍ଣ ଚନ୍ଦ୍ରଙ୍କୁ ଷ୍ଟେରିଙ୍ଗ ଦେଇଥିଲେ । ଅତ୍ୟଧିକ ଛାତି ଯନ୍ତ୍ରଣା କାରଣରୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା କିନ୍ତୁ ଆମ୍ବୁଲାନ୍ସ ଉପଲବ୍ଧ ହୋଇ ପାରିନଥିଲା । ଫଳରେ ସାଥି ଡ୍ରାଇଭର ଦ୍ରୁତ ଗତିରେ ବସଟିକୁ ନେଇ କୋରାପୁଟ ପହଞ୍ଚିଥିଲା । ଏବଂ କୋରାପୁଟ ମେଡିକାଲ କଲେଜରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ବସଟି ସମସ୍ତ ଯାତ୍ରୀଙ୍କୁ ନେଇ ମାଲକାନଗିରି ଫେରିବା ପୂର୍ବରୁ । ଡ୍ରାଇଭର ପି ସ୍ୱାଇଁ କ୍ରିଷ୍ଣାଙ୍କ ମୃତ୍ୟୁ ଖବର ପହଞ୍ଚିଲା । ମୃତ ଡ୍ରାଇଭରଙ୍କ ଘର ମାଲକାନଗିରି ଜିଲ୍ଲା ସଦରମହକୁମା ବାଲିମେଳା ଛକ ନିକଟରେ ବୋଲି ଜଣାପଡିଛି । ତାଙ୍କର ୨ ଟି ସନ୍ତାନ ଥିବା ବେଳେ, ପି ସ୍ୱାଇଁ କ୍ରିଷ୍ଣାଙ୍କ ଅଚାନକ ମୃତ୍ୟୁ ଖବର ପରିବାର ବର୍ଗଙ୍କୁ ମର୍ମାହତ କରି । ଅନ୍ୟପଟେ ଡ୍ରାଇଭର ପି ସ୍ୱାଇଁ କ୍ରିଷ୍ଣାଙ୍କ ଉପସ୍ଥିତ ବୁଦ୍ଧି ୨୫ ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କର ଜୀବନ ବଞ୍ଚାଇଛି ।

## ୩୫ ତମ ବାର୍ଷିକ ପାଲା ଗାୟକ ସମ୍ମିଳନୀ



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଗୋମୁଣ୍ଡିଆ ସୀତାରାମ ଆଶ୍ରମ ପରିସରରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଅଧିନ ମା କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ତରଫରୁ ୩୫ ତମ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୀତାରାମ ଆଶ୍ରମ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀକୁ ଯୁବ ସମାଜସେବୀ ଅଭୟ କୁମାର ତରେଇ ଉଦଘାଟନ କରିଥିଲେ । ସଭାରେ କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ସଭାପତି କେଦାର ନାଥ କର ଅଧ୍ୟକ୍ଷତା କରିଥିଲେ । ମଞ୍ଚାସିନ ଭାବେ ପୁରୀ ଜିଲ୍ଲା ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ, ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବନବିହାରୀ ପଟ୍ଟନାୟକ, କାଶୀନାଥ ଜେନା, ଗଣେଶ ନାୟକ, ଅଧାପକ ପ୍ରଦୀପ ଜେନା, ବରିଷ୍ଠ ପାଲା ଗାୟକ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଅଞ୍ଚଳରେ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ଦିଗରେ ଆଲୋଚନା କରିବା ସହ ଓଡ଼ିଶାର ଖ୍ୟାତି ସମ୍ପର୍ଣ୍ଣ ବାୟକ ସୁବାସ ଦାସ ସମାଜ ପାଇଁ ପାଲା କଳାର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଗାୟକ ବାଣୀ ଭୂଷଣ ଅଧାପକ ଗୋପାଳ କୃଷ୍ଣ ଜେନା ପରିଚୟ ପ୍ରଦାନ କରିଥିବା ବେଳେ ଗାୟକ ଧନେଶ୍ୱର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ସୀତାରାମ ଆଶ୍ରମର ମୁଖ୍ୟ ପରିଚାଳକ ସୁସଂଗଠକ ବାଙ୍କନିଧି ସାହୁ ଉତ୍ସବର ଆୟୋଜନ କରିଥିଲେ । ଆଞ୍ଚଳିକ ପାଲା ମଣ୍ଡଳ ଉପସଭାପତି ଯୋଗେନ୍ଦ୍ର ଜେନା, ଅନୁଷ୍ଠାନର ସମ୍ପାଦକ ମୋହନ ଜେନା,ଗୋଲଖ ତରେଇ, ସୁଧାକର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମ୍ମିଳନୀରେ ୬ମେଳ ପାଲା, ୩ମେଳ ସଂକୀର୍ତ୍ତନ, ୧ମେଳ ଦାସକାଠିଆ, ମୃଦଙ୍ଗ ବାଦନ ଦଳ ଯୋଗଦେଇ ନିଜ ନିଜର କଳା ପରିବେଷଣ କରିଥିଲେ । ଏହାକୁ ଦେଖିବା ପାଇଁ ଆଖପାଖ ଜନସାଧାରଣଙ୍କ ସମାଗମ ହୋଇଥିଲା । ଶ୍ରେଷ୍ଠ କଳାକାର ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## କଳସ ଶୋଭାଯାତ୍ରା ଭାଗବତ ସପ୍ତାହ ପରାୟଣ

ଦେବଗଡ, (ମହାଭାରତ) : ଶୁକ୍ରବାର ଠାରୁ ସ୍ଥାନୀୟ ଦେବଗଡ଼ ଗୋପାଳଜୀଉ ମନ୍ଦିର ରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଶ୍ରୀ ଭାଗବତ ମହାପୁରାଣ ସପ୍ତାହ ଅବସରରେ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରଧାନପାଟ ଠାରେ ପୂଜକ ଅନ୍ତର୍ଯ୍ୟାମୀ ନାୟକ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଗୋପଲଜି ମନ୍ଦିର ପୂଜକ ରାଜେଶ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ତ୍ତା ସତ୍ୟବ୍ରତ ପଣ୍ଡା ଙ୍କ ସହିତ ବହୁ ପୁରୁଷ ମହିଳା ସଂକୀର୍ତ୍ତନ ତାଳେ ତାଳେ ପ୍ରଧାନପାଟ ଜଳ ପ୍ରପାତରୁ କଳସୀରେ ଜଳ ସଂଗ୍ରହ କରି ଏକ ବିଶାଳ ଶୋଭାତ୍ରାରେ ଶ୍ରୀ ଗୋପାଳଜୀ ମନ୍ଦିରରେ ପହଂଚିଥିଲେ । ସେଠାରେ ଜଳପୂର୍ଣ୍ଣ କଳସୀ ସ୍ଥାପନ କରିବା ପରେ ପୂଜା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । କର୍ମକର୍ତ୍ତା ସନ୍ତୋଷ ପଣ୍ଡା , ସୁରେଶ ଶତପଥୀ , ଅଶୋକ ଦ୍ୱେ, ଜଗଦୀଶ ନନ୍ଦ , ସଂଜୀବ କୁମାର ଧର , ରମେଶ ଚନ୍ଦ୍ର ସାହୁ, ଜନ୍ମାଜୟ ନାୟକ, ଭୋଳା ନାଥ ଦାସ , , ବଂଶୀ ଧର ସାହୁ ,ବୁଡୁ ପ୍ରଧାନ ପ୍ରମୁଖଙ୍କ ସକ୍ରିୟ ସହଯୋଗ ରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା ।ଭାଗବତ ପାରାୟଣକମିଟି ,ଗୋପଲଜୀଉ ମନ୍ଦିର ଟ୍ରଷ୍ଟ ଓ ବଜରଙ୍ଗ ମଣ୍ଡପ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ପାରାୟଣ କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# କେଳେଙ୍କାରୀର ଗନ୍ତାଘର ପାଲଟିଛି ଜିଲ୍ଲା ଶିକ୍ଷା ବିଭାଗ : ଡ୍ୟୁଟି କରୁନଥିଲେ ବି ଶିକ୍ଷକ ହିମାଂଶୁଙ୍କୁ ମିଳୁଥିଲା ସହଯୋଗ, ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଭୁଲିଗଲେ







ନୟାଗଡ଼, ( ମହାଭାରତ ) : ତିନି ବର୍ଷ ହେଲା କାର୍ଯ୍ୟ ନକରି ଦରମା ନେଇଥିବା ଅଭିଯୋଗରେ ଗତ ସପ୍ତାହରେ ନୟାଗଡ଼ ବ୍ଲକ୍ ମେଳାମ୍ବ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହିମାଂଶୁ ଶେଖର ସାହୁଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ କରାଗଲାଣି । ମାତ୍ର ଏ ପର୍ଯ୍ୟନ୍ତ ଏହି ବେଆଇନ କାର୍ଯ୍ୟରେ ସମାନ ଭାବେ ଦାୟୀ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଏହି ସ୍କୁଲର ଦାୟିତ୍ୱ ନେବା ପାଇଁ ଶିକ୍ଷକ ମିଳୁନଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଶୁଣିବାକୁ ମିଳୁଛି । ଅନ୍ୟପଟେ ଏହି ଘଟଣା ଜଣାପଡ଼ିବା ପରେ ଜିଲ୍ଲା ଶିକ୍ଷା ବିଭାଗ ବିବାଦ ଘେରକୁ ଆସିଛି । ବର୍ଷ ବର୍ଷ ଧରି କାର୍ଯ୍ୟରେ ଖିଲାଫ କରୁଥିଲେ ମଧ୍ୟ ହିମାଂଶୁଙ୍କ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସହଯୋଗ ମିଳୁଥିବା ସଂକ୍ରାନ୍ତରେ ଚର୍ଚ୍ଚା ଚାଲିଛି । ମେଳାମ୍ବ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ରହିଥିବା ବେଳେ ଏଠାରେ ୪୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏହି ସ୍କୁଲରେ ପୂର୍ବରୁ ହିମାଂଶୁଙ୍କୁ ମିଶାଇ ମୋଟ୍ ତିନି ଜଣ ଶିକ୍ଷକ ପାଠ ପଢ଼ାଉଥିଲେ । ମାତ୍ର ୨୦୨୨ ଜୁଲାଇ ୧୩ ତାରିଖରେ ହିମାଂଶୁଙ୍କୁ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଯୋଗ ଦେବା ପାଇଁ କୁହାଗଲା । ସେଠାରେ ହିମାଂଶୁ କିଛି ଦିନ କାମ କରିଥିଲେ ସତ । ମାତ୍ର ଉକ୍ତ ସ୍କୁଲରୁ ହିମାଂଶୁଙ୍କୁ ରିଲିଭ୍ କରାଯାଇନଥିଲା କି ଏଠାରେ କାର୍ଯ୍ୟ କରୁଛନ୍ତି ବୋଲି ଜଏନିଂ ଲେଟର୍ ମଧ୍ୟ ଦିଆଯାଇନ ଥିଲା । ଫଳରେ ଏହାର ଫାଇଦା ନେଇ ହିମାଂଶୁ ଉଭୟ ସ୍ଥାନକୁ ଆଦୌ ଡ୍ୟୁଟି କରିବାକୁ ଯାଇନଥିଲେ । ଫଳରେ ପୂର୍ବରୁ ସରକାରଙ୍କୁ ଠକି ବିନା ପରିଶ୍ରମରେ ମାସିକିଆ ବେତନ ହାତେଇବା ପାଇଁ ହିମାଂଶୁ ଏହି ଯୋଜନା କରିଥିବା ଅନୁମାନ କରାଯାଉଛି । ପ୍ରତି ମାସରେ କିନ୍ତୁ ତାଙ୍କର ଶତ ପ୍ରତିଶତ ଉପସ୍ଥାନ ରହୁଥିବା ସଂକ୍ରାନ୍ତରେ ସ୍କୁଲ ପ୍ରଧାନଶିକ୍ଷକ ରିପୋର୍ଟ ଦେଉଥିଲେ । ଯଦି ତାଙ୍କର ଜିଲ୍ଲା ଶିକ୍ଷା ବିଭାଗକୁ ବଦଳି କରାଯାଇଥିଲା, ତେବେ ପୁଣି ଉକ୍ତ ସ୍କୁଲକୁ ଯିବା ପାଇଁ ତାଙ୍କୁ କିଏ ଅନୁମତି ପ୍ରଦାନ କଲା, ଏହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ କେବଳ ନିଲମ୍ବନ କରିଦେଲେ ହେବନି ହିମାଂଶୁ ବେଆଇନ ଭାବେ ନେଇଥିବା ସରକାରୀ ବେତନ ଉପରେ ଜିଲ୍ଲା ଶିକ୍ଷା ବିଭାଗ କି ପଦକ୍ଷେପ ନେଉଛି, ଏହା ଉପରେ ସମସ୍ତଙ୍କ ନଜର ରହିଛି । ଜିଲ୍ଲାରେ କେବଳ ଏହି ଜଣେ ଶିକ୍ଷକ ନୁହନ୍ତି, ପ୍ରତି ବ୍ଲକ୍ ?ରେ ଏମିତି ଅନେକ ଅଛନ୍ତି ଯେଉଁ ମାନଙ୍କ ନାଁ କେବଳ କାଗଜପତ୍ରରେ ଗଡୁଛି ଓ ସେମାନେ ବିନା ଡ୍ୟୁଟିରେ ପ୍ରତ୍ୟେକ ମାସରେ ଦରମା ନେଇ ଚାଲିଛନ୍ତି । ଏ ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀଙ୍କୁ ପଚାରିବାରୁ, ଅନ୍ୟ କିଛି କାର୍ଯ୍ୟ ରହିଥିବାରୁ ମେଳାମ୍ବ ପ୍ରାଥମିକ ବିଦ୍ୟାଳୟ ସ୍କୁଲ ପ୍ରତି ପଦକ୍ଷେପ ନିଆଯାଇ ନାହିଁ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା ପରେ ହିମାଂଶୁଙ୍କ ବେଆଇନ କାର୍ଯ୍ୟ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ତେବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ କୁହନ୍ତି, ହିମାଂଶୁଙ୍କୁ ଉକ୍ତ ଟଙ୍କା ଫେରାଇବା ପାଇଁ ପ୍ରଥମେ ନୋଟିସ୍ କରାଯିବ। ଯଦି ସେ ଏହି ଟଙ୍କା ନ ଫେରାନ୍ତି, ତେବେ ଏଥିରେ ସୁଧକୁ ମିଶାଇ ତାଙ୍କର ବର୍ତ୍ତମାନ ଦରମା ସହ ସଂଯୋଗ କରି ଦିଆଯିବ । ଏହା ସହ ତାଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରାଯିବ ।

## ଇଫକୋ ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର




ପାରାଦୀପ, (ମହାଭାରତ) : ପାରାଦୀପସ୍ଥିତ ବିଶ୍ୱର ସର୍ବବୃହ ଫସଫେଟିକ୍ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର(ପ୍ଲାଟିନମ୍ ବର୍ଗ)ହାସଲ କରିଛି । ଭରବଙ୍କନଶ୍ୱରଠାରେ ଅନୁଷ୍ଠିତ ୧୬ତମ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୫ରେ ଇଫକୋ ପାରାଦୀପ ୟୁନିଟ୍‌କୁ ଏହା ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉତ୍କର୍ଷ ପୁରସ୍କାର (ପ୍ଲାଟିନମ୍ ବର୍ଗ) ହାସଲ କରି ପୁର୍ନବାର ଶିଳ୍ପ ଉତ୍କର୍ଷତାର ଏକ ମାନଦଣ୍ଡ ସ୍ଥାପନ କରିଛି । ଭୁବନେଶ୍ୱରର ଗୁଣବତ୍ତା ଏବଂ ପରିବେଶ ପରିଚାଳନା ସେବା ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ପାରଦୀପ ୟୁନିଟ୍‌ର ଉଦାହରଣ ସଫଳତାକୁ ସ୍ୱୀକୃତି ଦିଏ, ଯାହା ପ୍ଲାଣ୍ଟ ପରିଚାଳନାରେ ସର୍ବୋତ୍ତମ ଶ୍ରେଣୀର ସୁରକ୍ଷା ଅଭ୍ୟାସ ପ୍ରତି ଏହାର ଦୃଢ ପାଳନକୁ ପ୍ରତିଫଳିତ କରେ । ଇଫକୋ ପାରାଦୀପ ବୃହତ୍ତ ଶିଳ୍ପ ବର୍ଗ ଏବଂ ସମସ୍ତ ପ୍ରମୁଖ ଦୁର୍ଘଟଣା ବିପଦ ଶିଳ୍ପ ମଧ୍ୟରେ ସର୍ବୋଚ୍ଚ ସ୍ତରର ସୁରକ୍ଷା ମାନଦଣ୍ଡ ପ୍ରଦର୍ଶନ କରିଛି । ୟୁନିଟ୍ ହେଡ୍ ତଥା ପ୍ଲାଣ୍ଟ ମୁଖ୍ୟ ପି.କେ.ମହାପାତ୍ରଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରି ପାରିଛି ପାରାଦୀପ ୟୁନିଟ୍ । ନଭେମ୍ବର ମାସ ୧୯ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ କନକ୍ଲେଭରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପିତ ସୁରମା ପାଢୀଙ୍କ ଠାରୁ ଇଫକୋ ଯୁଗ୍ମ ମହାପ୍ରବନ୍ଧକ(ଅଗ୍ନି ଏବଂ ସୁରକ୍ଷା) ରଂଜିତ କୁମାର ସ୍ୱାଇଁ , ଡକ୍ଟର ରବିନାରାୟଣ ବେହେରାଙ୍କ ଉପସ୍ଥିତିରେ ଏହି ସମ୍ମାନ ଗ୍ରହଣ କରିଥିଲେ ।

## ମଧ୍ୟାହ୍ନ ଭୋଜନ ହେରଫେର ଅଭିଯୋଗରେ ଶିକ୍ଷାଧିକାରୀଙ୍କ ସହ ୪ ଶିକ୍ଷକ ଅଟକ

ବାଲିପାଟଣା, (ମହାଭାରତ) : ବାଲିପାଟଣା ବ୍ଲକ ଗୁଆପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ହେରଫେର ଅଭିଯୋଗରେ ଉତ୍ତେଜନା ଦେଖାଦେଇଛି । ସହ ଶିକ୍ଷାଧିକାରୀଙ୍କ ସମେତ ୪ ଶିକ୍ଷକଙ୍କୁ ଅଟକ ରଖିଲେ ଗ୍ରାମବାସୀ । ପ୍ରାୟ ୨ ଘଣ୍ଟା ଧରି ବିଦ୍ୟାଳୟ ପରିସରରେ ଉତେଜନା ଜାରି ରହିଥିଲା । ସୂଚନା ମୁତାବକ ଏହି ସ୍କୁଲ ରେ ୧ ମ ରୁ ୭ ମ ଶ୍ରେଣୀ ପର୍ଯ୍ୟନ୍ତ ୧୯୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଆଜି ୮୧ ଜଣ ଉପସ୍ଥିତ ଥିଲେ । ତେବେ ୮୧ ଜଣ ପିଲାଙ୍କ ସ୍ଥାନ ରେ ୧୨୫ ପିଲାଙ୍କ ମଧ୍ୟାହ୍ନ ଭୋଜନ ଦିଆଯାଇଥିବା ବିଦ୍ୟାଳୟ ସରକାରୀ ତାଲିକାରେ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ ଦର୍ଶାଇଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣା ସଂପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିବାରୁ ସେ ସହ ଶିକ୍ଷାଧିକାରୀ ବିଜୟ ବେହେରାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ କରି ଉପସ୍ଥିତ ପରିସଂଖ୍ୟାନ ୮୧ ବୋଲି ସେ ସୂଚନା ଦେଇଛନ୍ତି । ତେବେ ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତି ପାଇଁ ସହ ଶିକ୍ଷାଧିକାରୀ ଏବଂ ସହକାରୀ ଶିକ୍ଷକ ମାନଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ସହ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ଓ ଗିରଫ ଦାବି କରିଥିଲେ । ଯଦି ଦାବି ପୂରଣ ନହୁଏ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ ।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହାର ଓ ଅଞ୍ଚଳବାସୀଙ୍କ ପୂର୍ବତନ ପ୍ରଧାନଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ପ୍ରବେଶ ମନା

ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀଙ୍କ ବିରୋଧରେ ଚଳିତ ମାସ ତା ୧୮ ରିଖ ଠାରୁ ତା ୨୦ ରିଖ ପର୍ଯ୍ୟନ୍ତ ଦୀର୍ଘ ତିନିଦିନ ଧରି ହାଇସ୍କୁଲ ସମ୍ମୁଖରେ ଅଭିଭାବକ ଓ ପଞ୍ଚାୟତବାସୀଙ୍କ ଧାରଣା ଦେଇଥିଲେ ।ସୂଚନା ମୁତାବକ ପୂର୍ବରୁ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ତରଫରୁ ଆସୁଥିବା ଅନୁଦାନ ରାଶିକୁ ଆତ୍ମସାତ କରିଥିବା ଓ ନିଜ ସ୍ୱାମୀ ରବୀନ୍ଦ୍ର କୁମାର ହୋତାଙ୍କୁ ବିଦ୍ୟାଳୟରେ ବେଆଇନ ଭାବେ ନିଯୁକ୍ତି କରାଇ ତାଙ୍କ ନାମରେ ସରକାରଙ୍କ ରାଜକୋଷ ରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବା ଏବଂ ଦୀର୍ଘ ବର୍ଷ ଧରି ପୁରୁଣା ବିଦ୍ୟାଳୟ ପରିଚାଳନା କମିଟିକୁ ଅନୁମୋଦନ କରାଇ ବିଭିନ୍ନ ସମୟରେ ମନମୁଖୀ କାର୍ଯ୍ୟ କରି ଆସୁଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ।ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ନଂ ୭୨୯୨ ଅନୁଯାୟୀ ସେପଟ୍ମେର ମାସ ୨୫ ତାରିଖରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନିମନ୍ତେ ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,ଶିମିଳିସାହିକୁ ଚିଠି କରିଥିଲେ ।ଉକ୍ତ ଚିଠି ଅନୁସାରେ ଅକ୍ଟୋବର ମାସ ୧୬ ତାରିଖରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ଉକ୍ତ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକର ଆୟୋଜନ ହୋଇଥିଲା ।ସମସ୍ତ ଅଞ୍ଚଳବାସୀ ଙ୍କ ନିଷ୍ପତ୍ତି ଅନୁଯାୟୀ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠନ ପାଇଁ ଗୃହୀତ ହୋଇଥିଲା ।ଏକ ମାସ ବିତିଯାଇଥିଲେ ସୁଦ୍ଧା ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ହୋଇନଥିଲା ।ନୂତନ ପରିଚାଳନା କମିଟିକୁ ଅନୁମୋଦନ ନକରାଇ ଦେବା ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଏଥି ସହିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ତରଫରୁ ଆସୁଥିବା ଅନୁଦାନ ରାଶିକୁ ଆତ୍ମସାତ କରିଥିବା ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀଙ୍କ ବିରୋଧରେ ପଞ୍ଚାୟତବାସୀ ଧାରଣା ଦେଇଥିଲେ ।ଦୀର୍ଘ ତିନିଦିନ ଧରି ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ ହୋଇଥିଲା ।ଯାହାକୁ ନେଇ ବୁଦ୍ଧିଜୀବୀ ଙ୍କ ମହଲରେ ନିନ୍ଦା କରିବା ସହ ପଞ୍ଚାୟତବାସୀଙ୍କ ମନରେ ଅସନ୍ତୋଷ ବାତାବରଣ ଦେଖାଦେଇଥିଲା । ଆଜି ଖବର ପାଇ ଘଟଣାସ୍ଥଳରେ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ପହଞ୍ଚି ଅଭିଯୋଗ ଅନୁଯାୟୀ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିଥିଲେ ଏବଂ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଅନୁମୋଦନ କରିବା ପାଇଁ ପ୍ରତିଶୃତି ଦେଇଥିଲେ ଏବଂ ଛାତ୍ର ଛାତ୍ରୀଙ୍କ ପାଠପଢ଼ା ଦୃଷ୍ଟିରେ ରଖି ବିଦ୍ୟାଳୟ ଫାଟକରେ ପଡ଼ିଥିବା ତାଲାକୁ ଖୋଲିବା ପାଇଁ ଅଞ୍ଚଳବାସୀଙ୍କୁ କହିଥିଲେ ।ଯେ ପର୍ଯ୍ୟନ୍ତ ନୂତନ ପରିଚାଳନା କମିଟି ଅନୁମୋଦନ ନହୋଇଛି ସେ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲାଯିବ ନାହିଁ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ।ସଠିକ ସମୟରେ ଏହା ସମାଧାନ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କହିବା ପରେ ବିଦ୍ୟାଳୟ ଫାଟକରେ ପଡ଼ିଥିବା ତାଲା କୁ ସ୍ଥାନୀୟ ଲୋକେ ଖୋଲିଥିଲେ ।ଉକ୍ତ ବିଦ୍ୟାଳୟ ଭିତରକୁ ସମସ୍ତ ଶିକ୍ଷକ ଓ କର୍ମଚାରୀ ପ୍ରବେଶ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ଙ୍କୁ ଅଞ୍ଚଳବାସୀ ବିଦ୍ୟାଳୟ ଭିତରକୁ ପ୍ରବେଶ କରାଇ ଦେଇନଥିଲେ । ଏଥିସହିତ ସବୁଦିନ ବିଦ୍ୟାଳୟକୁ ନଆସିବା ପାଇଁ ସିଧାସଳଖ ମନା କରିଥିଲେ ।ଯାହାକି ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ବିଦ୍ୟାଳୟ ବାହାରେ ଠିଆ ହୋଇଥିବା ବେଳେ ସେଠାରୁ କିଛି ସମୟ ପରେ ସେଠାରୁ ଚାଲି ଯାଇଥିବା ଦେଖିବାକୁ ମିଳିଥିଲା ।




# ସମସ୍ୟା ଘେରରେ କଡୁସୋରୁ ଗାଁ, ସ୍ୱାସ୍ଥ୍ୟ, ଶିକ୍ଷା,ବିଜୁଳି, ପାନୀୟ ଜଳ ଓ ରାସ୍ତା ସାତ ସପନ



ଲାଞ୍ଜିଗଡ, (ମହାଭାରତ): ଗାଁ ବିକାଶର ବାଧକ ସାଜିଛି ରାସ୍ତା । ରାସ୍ତା ସମସ୍ୟା ଯୋଗୁଁ ଚାରି ଛକରେ ବନ୍ଧାପଡିଛି ଗାଁ । ଉକ୍ତ ଗାଁରେ ଶିକ୍ଷା,ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ ଓ ଗମନାଗମନ ଏମାନଙ୍କ ପାଇଁ ସାତ ସପନ ପାଲଟିଛି । ଗାଁକୁ ଭଲ ରାସ୍ତା ଖଣ୍ଡିଏ ନାହିଁ ଫଳରେ କଡୁସୋରୁ ଗାଁରେ ୧୩ଟି ଆଦିବାସୀ ପରିବାର ଦୁରଦିନ ଅବସ୍ଥାରେ ଦିନ କାଟୁଛନ୍ତି । ଉକ୍ତ ଗାଁରେ ଦୀର୍ଘ ବର୍ଷରୁ ୧୩ଘର ଆଦିବାସୀ ପରିବାର ରହିଥିବା ବେଳେ ଏମାନଙ୍କୁ ସରକାରୀ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି ।ବର୍ଷ ବର୍ଷ ଧରି ଏହି ଗାଁରେ ସମସ୍ୟା ଲାଗି ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରୁନାହିଁ । ଗାଁର ମୁଖ୍ୟ ସମସ୍ୟା ରାସ୍ତା ରହିଥିବା ବେଳେ ଜଙ୍ଗଲୀ ରାସ୍ତା ଯୋଗୁଁ ଗାଁର ଅନେକ ପିଲାଙ୍କ ପାଠପଢା ବନ୍ଦ ରହିଛି । ଗାଁ ଠାରୁ ୩କି.ମି ଦୂରରେ ଥିବା କଟଲଙ୍ଗ ସ୍କୁଲକୁ ଯିବାକୁ ହେଲେ ସେହି ଜଙ୍ଗଲୀ ରାସ୍ତା ଦେଇ କୋମଳ ମତି ଶିଶୁ ମାନଙ୍କୁ ଯିବାକୁ ପଡିଥାଏ । ତେବେ ଜଙ୍ଗଲୀ ରାସ୍ତା ଯୋଗୁଁ ଶିଶୁଙ୍କୁ ସ୍କୁଲକୁ ଛାଡିବା ପାଇଁ ଉଚିତ ମନେ କରୁନାହାନ୍ତି ଗ୍ରାମ ବାସି । ରାସ୍ତା ସମସ୍ୟା ଯୋଗୁଁ ଜରୁରୀ କାଳୀନ ପରିସ୍ଥିତିରେ ମଧ୍ୟ ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଖଟିଆ ସାହାଯ୍ୟରେ ବୋହି ୪କି.ମି କମଲେଇ ଗାଁକୁ ନେଲାପରେ ଏମାନଙ୍କୁ ଆମ୍ବୁଲାନ୍ସ ସେବା ମିଳିଥାଏ । ଏହି ଭଳି ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ସୀମାନ୍ତ ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତ ଅନ୍ତର୍ଗତ କଡୁସୋରୁ ଗାଁ । ପଞ୍ଚାୟତ ମୁଖ୍ୟାଳୟ ଠାରୁ ଏହି ଗାଁ ହାରାହାରି ୮୦ କିମି ହେଉଥିବା ବେଳେ ବ୍ଲକ କାର୍ଯ୍ୟାଳୟ ଠାରୁ ୬୪ କି.ମି ହେଉଛି ଯାହାଫଳରେ ଏମାନେ ପଞ୍ଚାୟତରୁ ରାସନ ସାମଗ୍ରୀ ଆଣିବାରେ ମୁସ୍କିଲ ହୋଇପଡୁଛି । ଗାଁରେ ଦୁଇଟି ନଳକୂପ ରହିଥିବା ବେଳେ ଗୋଟିଏ ନଳକୂପ ଅଚଳ ହୋଇ ଦୁଇ ବର୍ଷ ହେଲାଣି ସେହି ନଳକୂପ ମରାମତି ହେଉ ନ ଥିବା ବେଳେ ଅନ୍ୟ ଏକ ନଳକୂପ ପାହାଡି ଜାଗା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନାହିଁ ଯାହାଫଳରେ ନିକଟସ୍ଥ ଝରଣାର ପାଣିକୁ ଶୋଷ ମେଣ୍ଟାଉଛୁ ବୋଲି ଗ୍ରାମ ବାସି ପ୍ରକାଶ କରିଛନ୍ତି । ଯେକୌଣସି କାର୍ଯ୍ୟ କଲେ ବିଜୁଳିର ଅବ୍ୟକତା ରହିଛି ହେଲେ ପରିତାପର ବିଷୟ ଏବେ ଯାଏଁ ଗାଁରେ ବିଜୁଳି ସଂଯୋଗ ହୋଇ ପାରିନି ଯାହାଫଳରେ ଆମେ ଅନ୍ଧାରରେ ଜୀବନ କାଟୁଛୁ ବୋଲି ଇନ୍ଦ୍ର ମାଝୀ, ଡୁନି ମାଝୀ, ଡମ୍ବରୁ ମାଝୀ, ଲାକ୍ସା ମାଝୀ, ସାନ୍ଧା ମାଝୀ, ଜାମଦେଇ ମାଝୀ, ବନମାଝୀ, ଦୁରପି ମାଝୀ, ଲାଚନା ମାଝୀ, କମାଲଦେଇ ମାଝୀ, ସମେତ ଗ୍ରାମବାସୀ ମତପ୍ରକାଶ କରିଛନ୍ତି । ତେବେ ଏହି ଗାଁ ସମସ୍ୟା ପ୍ରତି ବ୍ଲକ ଓ ଜିଲ୍ଲାପ୍ରଶାସ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଡ୍ରେନ୍ ମରାମତିରେ କେଳେଙ୍କାରୀ, ପାଣିରେ ପଡ଼ିବ ୮ କୋଟି ଟଙ୍କା
# କେବଳ ଉପରେ ସ୍ଲାବ୍ ପକାଇ ହରିଲୁଟ ମସୁଧା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୌର ପରିଷଦ ଅଧୀନସ୍ଥ ନୟାଗଡ଼ ସହରରେ ରହିଥିବା ବିଭିନ୍ନ ସାହି, ଗଳି ଏବଂ କଲୋନୀ ଗୁଡ଼କରେ ରହିଥିବା ଡ୍ରେନ୍ ଗୁଡ଼ିକ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ନୟାଗଡ଼ ପୌର ପରିଷଦ ପକ୍ଷରୁ ଏଥିପାଇଁ ଦୁଇଟି ଟେଣ୍ଡର ଜରିଆରେ ୮ କୋଟିରୁ ଉର୍ଦ୍ଧ ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟକୁ ୯୦ଟି ଭାଗରେ ବିଭକ୍ତ କରାଯାଇଛି। କିଛି ରାସ୍ତା କାମ ସହ ଡ୍ରେନ୍ ମରାମତି କାର୍ଯ୍ୟ ରହିଛି। ସହରର ସମସ୍ତ ସ୍ଥାନରେ କାର୍ଯ୍ୟ ପାଇଥିବା ଠିକାଦାର ମାନେ କାର୍ଯ୍ୟ ଆରମ୍ଭକରିଥିବା ବେଳେ ପୌର ପରିଷଦ ର ଜେଇ, ଏଇଇ ଙ୍କ ଅନୁପସ୍ଥିତିରେ ଯେନତେନ କାର୍ଯ୍ୟ




କରାଯାଉଛି। ଜେଇ, ଏଇଇ ଙ୍କ ଅନୁପସ୍ଥିତିରେ ଠିକାଦାର ମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଡ୍ରେନରୁ ମାଟି ସଫେଇ, ମରାମତି ଏବଂ ସ୍ଲାବ୍ ପକାଇବା ପାଇଁ ପୌର ପରିଷଦ ପକ୍ଷରୁ ଯୋଜନା କରାଯାଇଥିବା ବେଳେ କାମ ପାଇଥିବା ଠିକାଦାର ମାନେ କେବଳ ଉଚ୍ଚତା ବୃଦ୍ଧି କରି ସ୍ଲାବ ପକାଉଥିବା ଦେଖିବାକୁ ମିଳିଛି। ପୌର ପରିଷଦ ପକ୍ଷରୁ ୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଏହି ଅର୍ଥ ପାଣିରେ ପଡ଼ିବ ବୋଲି ଅଭିଯୋଗ ହେଉଛି। ବିଭିନ୍ନ ସାହି ବାସିନ୍ଦା ମନ୍ମାନୀରେ ହେଉଥିବା କାର୍ଯ୍ୟକୁ ବିରୋଧ କରୁଥିବା ବେଳେ କେହି ଶୁଣିବାକୁ ପ୍ରସ୍ତୁତ ନଥିବା ଜଣାପଡ଼ିଛି। ସହରରେ ଏକା ସାଙ୍ଗରେ ୮୦ରୁ ଉର୍ଦ୍ଧ୍ୱ କାର୍ଯ୍ୟ କରାଯାଉଥିବା ବେଳେ ପୌର ପରିଷଦ ଜେଇ, ଏଇଇ ନୀରବ ଦ୍ରଷ୍ଟା ସାଜିଛନ୍ତି।। କୌଣସି ସ୍ଥାନରେ ଜେଇ, ଏଇଇ ଙ୍କୁ ଦେଖିବାକୁ ମିଳୁନାହିଁ। ପୌର ପରିଷଦ ଡ୍ରେନ୍ ସଫେଇ ଓ ସ୍ଲାବ୍ ପକାଇବା ନାଁରେ କେବଳ ଠିକାଦାର ପୋଷିବା ସାରହେଉଛି। ପୌର ପରିଷଦର କିଛି କାଉନସିଲର କାମ ହାତେଇ ମନମାନୀ ଚଳାଇଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଡ୍ରେନ ତଳ ଅଂଶ ଫାଟି ଭାଙ୍ଗି ଯାଇଥିବା ବେଳେ ସେଗୁଡ଼ିକ ମରାମତି ନକରି ଉପରେ ସ୍ଲାବ୍ ପକାଯାଉଛି। ପୌର ପରିଷଦ ଅଧକ୍ଷା, ନିର୍ବାହୀ ଅଧିକାରୀ ଏଭଳି ଅନିୟମିତତାକୁ ରୋକ ଲଗାଇବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଡ୍ରେନ ମରାମତି ଆଳରେ ପୌର ପରିଷଦ ଏକ ବଡ଼ କେଳେଙ୍କାରୀକୁ ସୁଯୋଗ ଦେଇଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଆଖି ଆଗରେ ସରକାରୀ ଅର୍ଥର ଅପବ୍ୟବହାର ହେଉଥିବା ବେଳେ ସମସ୍ତ ଜାଣିଶୁଣି ନୀରବ ରହିଛନ୍ତି। ପୌର ପରିଷଦ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହିଛନ୍ତି। ଲୋକ ସଚେତନ ହୁଅନ୍ତୁ, କୌଣସି ସ୍ଥାନରେ କାମ ନିମ୍ନମାନର ହେଉଥିଲେ ତୁରନ୍ତ ଅଭିଯୋଗ କରନ୍ତୁ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

## ଦୁଇ ଲକ୍ଷ ଟଙ୍କାର କାଠ ବୋଝେଇ ଗାଡ଼ି ଜବତ ୨ଗିରଫ



ଆସିକା (ମହାଭାରତ) ଆସିକା ବନାଞ୍ଚଳ ଅଧୀନ ହୁମୁକି ଛକ ନିକଟରୁ ଏକ କାଠଗଣ୍ଡି ବୋଝେଇ ହୋଇ ଯାଉଥିବା ଓଡି ୦୭ ଏ ଜେଡ଼ ୩୯୫୯ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନରେ ଚୋରା ଚାଲାଣ ହେଉଥିବା ମୂଲ୍ୟବାନ ଶାଳ କାଠ ଗଣ୍ଡି ଜବତ କରାଯାଇଛି ।ଗାଡିରେ ଥିବା ୧୯ଟି କାଠଗଣ୍ଡିର ଆନୁମାନିକମୂଲ୍ୟ୨ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଏହି ଘଟଣାରେ ବନ ବିଭାଗ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସନତି ମନ୍ତ୍ରୀ ଓପିଙ୍କୁ ପାତ୍ର । ଉଭୟଙ୍କୁ ବନ ବିଭାଗ ଥାନା କେସ ନଂ ୧୪୮/୨୫ ନମ୍ବର ରେ ମାମଲା ରୁଜୁ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ଏହି କାଠ ସବୁ କନ୍ଧମାଳ ଜିଲ୍ଲାରୁ ଆଣିଥିବା ଓ ଏହା କବିସୂର୍ଯ୍ୟନଗର ନିକଟସ୍ଥ କୌଣସି ଏକ ଗ୍ରାମକୁ ଯାଉଥିବା ତଦନ୍ତରୁ ଜଣାପଡିଛି।

## ବାପାର ଦଶାହ ରେ ପୁଅର ମୃତ୍ୟୁ

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲାର ଆସିକା ବ୍ଲକ ସିଦ୍ଧନଇ ପଂଚାୟତ ଅନ୍ତର୍ଗତ ଅତରଙ୍ଗ ଗ୍ରାମରେ ଘଟିଛି ଦୁଃଖଦ ଘଟଣା। ବାପା ମୃତ୍ୟ ର ଦଶାହ ଦିନରେ ପୁଅ ମାରିବା ଘଟଣା ଗାଁ ରେ ଶୋକର ଛାୟା ଖେଳିଯାଇଛି। ଗତ ୧୧ ତାରିଖ ଦିନ ଅତରଙ୍ଗ ଗ୍ରାମର ଉଦୟ ଗୌଡ ମୃତ୍ୟୁ ବରଣ କରିଥିଲେ। ହିନ୍ଦୁ ଧର୍ମ ର ନୀତି ନିୟମ ଅନୁସାରେ ସେ ହିଁ ବାପା ର ଶୁଦ୍ଧି କ୍ରିୟା କରୁଥିଲେ। ବୁଧୁବାର ବିଳମ୍ବିତ ରାତ୍ରରେ ଭୀଷଣ ପେଟ ଯନ୍ତ୍ରଣା ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଆସିକା ହସ୍ପିଟାଲରେ ଭର୍ତ୍ତି କରିଥିଲେ ।ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ ।ଗ୍ରାମରେ ରାଜେନ୍ଦ୍ରଙ୍କ ଶବ ଆସିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୋଟିଏ ପକ୍ଷେ କୁଳ ସମାଜ ଏବଂ ଘରେ ଏବେ ଭଲେଣି ପଡିଛି ବାପାର ଦଶାହ କାର୍ଯ୍ୟ କିଏ ଆଉ କେମିତି ହେବ । ଅପର ପକ୍ଷେ ପୁଅ ରାଜେନ୍ଦ୍ରର ଅନ୍ତେଷ୍ଟିୟା କାର୍ଯ୍ୟ ହେବ କେମିତି ସେଥିପାଇଁ ପରିବାର,ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଏବେ ଚିନ୍ତାରେ ରହିଛନ୍ତି। ଗ୍ରାମର ଇତିହାସରେ କେବେ ଏଭଳି ଘଟଣା ହୋଇନାହିଁ ବୋଲି ଗ୍ରାମବାସୀ ପକ୍ଷରୁ କୁହାଯାଇଛି। ମୃତ ଉଦୟ ଗୌଡ ର ଗୋଟିଏ ମାତ୍ର ପୁଅ ରାଜେନ୍ଦ୍ର ଓ ଝିଅ ବିବାହ କରିସାରିଛନ୍ତି। ପୁଅ ରାଜେନ୍ଦ୍ର ପରିବାର ଏକ ମାତ୍ର ରୋଜଗାରିଆ ।ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବେସାହାରା ହୋଇଥିବା ତିନିଜଣ କୁନି କୁନି ଛୁଆଙ୍କ ପାଇଁ ସରକାରୀ ସହାୟତା ଜରୁରୀ ବୋଲି ଗ୍ରାମବାସୀ ଗୁହାରୀ କରିଛନ୍ତି।

## ଜିଲ୍ଲା ସ୍ତରୀୟ ମହୋତ୍ସବ ୨୦୨୫ ଅନୁଷ୍ଠିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସୀମାଦ୍ରୀ ଆପନା ଫଙ୍କନ୍ସନ ହଲ ପରିସରରେ ସମବାୟ ବିଭାଗ ଗଜପତି ବିଭାଜନ ପକ୍ଷରୁ ୭୨ ତମ ସର୍ ଭାରତୀୟ ସମବାୟ ସପ୍ତାହ ୨୦୨୫ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମୁନିନ୍ଦ୍ର ହନାଙ୍ଗା, ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ସିନିୟର ଏ ଆର ସି ସି ତଥା ଡି ଆର ସି ଏସ୍ ହରିହର ସେଠ, ବିଜେପି କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ,କୃଷି ଅଧିକାରୀ ରବୀନ୍ଦ୍ର ଆଡେକ, ଆର ଏମ୍ ସି ସେକ୍ରେଟାରୀ ରେବତୀ ରାଉତ, ସହକାରୀ ସମବାୟ ସମୀକ୍ଷକ ଜିତେନ୍ଦ୍ର ପ୍ରସାଦ ମିଶ୍ର ଜିଲ୍ଲା ପରିଷଦ ସଭ୍ୟ ବାଲା ରାଜୁ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା।

## ପାଟଣା ବନାଞ୍ଚଳ ସ୍ତରୀୟ ବନ ସୁରକ୍ଷା ସମନ୍ୱୟ ବୈଠକ




ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବନ୍ୟାଞ୍ଚଳ ସ୍ତରୀୟ ବନ ସୁରକ୍ଷା ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ତତ୍ୱାବୋଧାନ ରେ ରଞ୍ଜିତ କୁମାର ପଲେଇ ଙ୍କ ସଂଯୋଜନା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ରେ ପାଟଣା ପଶୁ ଚିକିତ୍ସା ଅଧିକାର ଡକ୍ଟର ଅମିତାଂଶୁ ବିଶ୍ୱାଳ,ସାହାରପଡ଼ା ଟାଟା ପାୱାର ଯନ୍ତ୍ରୀ ରାକେଶ କୁମାର ସାହୁ,ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ, ସାହାରପଡା ବନପାଳ ଅଧିକାରୀ ଶ୍ରୀମନ୍ତ ବେହେରା,ଖିରେଇଟାଙ୍ଗିରୀ ବନପାଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ,ଶିଳ୍ପ ଉଦ୍ୟୋଗୀ ଅନୁଷ୍ଠାନ ଉପସ୍ଥାପକ,ତାଲିମ ଦାତା ଆର୍ତି ପ୍ରିୟା ମହାନ୍ତ ତଥା ବନପାଳ ବିଭାଗ ର ବନରକ୍ଷୀ ହୃଦାନନ୍ଦ ବେହେରା, ଦୀପକ କୁମାର ରଣା,ଝରଣା ରାଣୀ ସାହୁ, ଦେବଜାନୀ ମହାନ୍ତ, ରାଜେଶ କୁମାର ଜେନା ଉପସ୍ଥିତି ରେ ବନାଞ୍ଚଳ ବିଭାଗ ପକ୍ଷରୁ ଜୀବ ଜନ୍ତୁ,ପଶୁପକ୍ଷୀ ମାନଙ୍କ ପ୍ରତି ସୁରକ୍ଷା ଓ ଜଙ୍ଗଲ ଉନ୍ନତି କରଣ ଦିଗ ରେ ସହଯୋଗ ସହିତ ଶିଳ୍ପ ଉଦ୍ୟୋଗୀ ପ୍ରତିଷ୍ଠାନ ପକ୍ଷ ରୁ ବନାଞ୍ଚଳ ଲୋକମାନ ଙ୍କୁ ବିଭିନ୍ନ ତାଲିମ୍ ପ୍ରଦାନ ନିମନ୍ତେ ଆଲୋଚନା ହୋଇ ଛି। ଏହି ନ ସୁରକ୍ଷା ସମନ୍ୱୟ ବୈଠକ ରେ ପାଟଣା ବନାଞ୍ଚଳ ଅନ୍ତର୍ଗତ ନପାଳ ବିଭାଗ ଗଜ ସାଥୀ,ଜୀବଜନ୍ତୁ ସୁରକ୍ଷା ଦାତା,ବନ ସୁରକ୍ଷା କମିଟି ସଭାପତି,ସଂପାଦକ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷ ରେ ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁ ବନ୍ୟା□ଳ ବିଭାଗ ର ପାରା କର୍ମଚାରୀ ସଞ୍ଜୟ କୁମାର ମହାନ୍ତ, ତ୍ରିଲୋଚନ ମହାନ୍ତ,ଉମେଶ ଚନ୍ଦ୍ର ମହାନ୍ତ,ଝାଡେଶ୍ୱର ମହାନ୍ତ, କୈଳାସ ଚନ୍ଦ୍ର ମହାନ୍ତ,ଈଶ୍ୱର ଚନ୍ଦ୍ର ମାଝି, ଭାସ୍କର ନାଏକ,ବାପି ମାଟିଆ,ରମାକାନ୍ତ ମହାନ୍ତ, ଅଟଳ ବିହାରୀ ସେଠୀ ସଂପୂର୍ଣ୍ଣ ସହଯୋଗ କରିଛନ୍ତି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଉତ୍ତର ପ୍ରଦେଶ ରାଜ୍ୟର ଦମ୍ପତି



ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲାରୁ ୭୫ ଓ ୭୬ ତମ ଶିଶୁଙ୍କୁ ଜିଲ୍ଲାପାଳ ଶ୍ରୀମତି ମଧୁମିତା (ଭା.ପ୍ର.ସେ) ପୋଷ୍ୟ ସନ୍ତାନ ଭାବେ ଉତ୍ତର ପ୍ରଦେଶ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପିତୃମାତୃହୀନ ଏହି ଶିଶୁଦ୍ୱୟଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଦ୍ୱୟଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଦ୍ୱୟଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଦ୍ୱୟ ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୨ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଦ୍ୱୟଙ୍କର ବୟସ ୩ ଓ ୪ ବର୍ଷ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଦ୍ୱୟଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ଶ୍ରୀଯୁକ୍ତ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳରେ ବିନା ଲାଇସେନ୍ସରେ ଚାଲିଛି ଔଷଧ ଦୋକାନ

ଅସ୍ତରଙ୍ଗ (ମହାଭାରତ): ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ଚାଲିଛି ବିନା ଲାଇସେନ୍ସ ରେ ମାଳମାଳ ଔଷଧ ଦୋକାନ ଗୋଟେ ପଟେ ସରକାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନିରାମୟ ସେବା ପ୍ରଦାନ କରୁଛନ୍ତି ଅନ୍ୟ ପଟେ ବଜାର ରେ ମାଳମାଳ ଔଷଧ ଏଜେନ୍ସି ର ଏଜେଣ୍ଟ। ତାଙ୍କର ଚକ୍ରବ୍ୟୁହ ରେ ଫସି ସରକାରୀ ଡାକ୍ତର ବି ଲେଖୁଛନ୍ତି ବାହାର ଦାମୀ ଦାମୀ ଔଷଧ ଏହିଭଳି ଅନେକ ଅଭିଯୋଗ ବାରମ୍ବାର ସାମ୍ନା କୁ ଆସୁଚି। ତାରି ଭିତରେ ଗୁରୁବାର ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ପୋଟଳ ଛକ ରେ ଥିବା ଜଗନ୍ନାଥ ମେଡ଼ିସିନ ଷ୍ଟୋର ଓ ମହାବୀର ମେଡିସିନ ଷ୍ଟୋର ନାମରେ ଗ୍ରାମବାସୀ ଆଣିଛନ୍ତି ଅଭିଯୋଗ। କୋଣାର୍କ ର ମିନା ଫାର୍ମାସୀ ର ଜଣେ ବ୍ୟକ୍ତି ଗୋଟେ ବ୍ୟାଗ ରେ କିଛି ଔଷଧ ଆଣି ଅନେକ ସମୟ ରେ ଏହି ଷ୍ଟୋର ରେ ବିକ୍ରି ପାଇଁ ଦେଇ ଆସୁଛନ୍ତି। ଯାହାକୁ ଦେଉଛନ୍ତି ସେ ସମ୍ପୂର୍ଣ୍ଣ ଭାବେ ମେଡିସିନ ବାବଦରେ ଅନଭିଜ୍ଞ। ଗ୍ରାମବାସୀ ଙ୍କ ଅଭିଯୋଗ ଅନୁସାରେ ସେମାନେ ଅନେକ ସମୟ ରେ ଏହି ଔଷଧ ଦୋକାନ ରୁ ଔଷଧ ନେଲେ ତାଙ୍କ ଠୁ ଅଧିକ ଅର୍ଥ ନେଉଥିବା ବେଳେ ସେହି ଔଷଧ ରେ ରୋଗ ଭଲ ହେଉନାହିଁ ଗ୍ରାମବାସି ଙ୍କ କହିବା କଥା ମଧୁମେହ, ଉଚ୍ଚରକ୍ତଚାପ, ହୃଦୟ ସମସ୍ୟା ଭଳି ଗୁରୁତ୍ୱର ଔଷଧ ଏହି ଦୋକାନ କୁ କଣ ପାଇଁ ଆସୁଛି, ଏଠୁ ହସ୍ପିଟାଲ ଅନେକ ଦୂର ରେ, ଏହି ଔଷଧ ଯିଏ ବିକ୍ରି କରୁଛି ନା ତାଙ୍କର ଔଷଧ ସମ୍ବନ୍ଧିୟ ଜ୍ଞାନ ଅଛି ନା ତାଙ୍କର ବିକ୍ରି କରିବାର କୌଣସି ଲାଇସେନ୍ସ ତାହେଲେ ପ୍ରଶାସନ ଗ୍ରାମା□ଳ ରେ ଏହି ମେଡ଼ିସିନ ଷ୍ଟୋର ଉପରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଅନ୍ୟ ପଟେ ସରକାର କଫ ସିରାଫ ଉପରେ ରୋକ ଲଗାଇବା ସହ ଅଭିଜ୍ଞ ଡାକ୍ତର ଙ୍କ ପରାମର୍ଶ ରେ ଦେବାପାଇଁ କହୁଥିବା ବେଳେ ଗ୍ରାମାଞ୍ଚଳ ରେ ଅନେକ ମେଡ଼ିସିନ ଷ୍ଟୋର ରେ କିପରି କଫ ସିରାଫ ବିକ୍ରି ଚାଲିଛି,ଏହା ଉପରେ ଅଚନକ ଡ୍ରଗ ସ୍କ୍ୱାଡ଼ ଚଢ଼ାଉ କଲେ ହୁଏତ ଅନେକ ତଥ୍ୟ ସାମ୍ନା କୁ ଆସିପାରେ ବୋଲି ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହେଉଛି, ଆଜି ଘଟଣା ସ୍ଥଳରେ ମିନା ଫାର୍ମା ରୁ ଆଣି ଆସିଥିବା କର୍ମୀ ଙ୍କ ବେଶ ଭୂଷଣ ଆଉ ବ୍ୟବହାର ଦେଖି ସନ୍ଦେହ ଉପଜିବାରୁ ଗ୍ରାମବାସି ଅଟକ ରଖିବା ସହ ପୋଲିସ କୁ ଖବର ଦେଇଥିଲେ, ଘଟଣା ସ୍ଥଳରେ ଅସ୍ତରଙ୍ଗ ପୋଲିସ ପହଞ୍ଚି ଉକ୍ତ ଲୋକ କୁ



ଥାନା କୁ ଆଣିବା ସହ ଆଣିଥିବା ମେଡିସିନ ଜବତ କରିଛି,ଏଠି ପ୍ରଶ୍ନ ଉଠୁଛି ପୋଟଳ ଛକ ରେ ଜଗଓାଥ ମେଡ଼ିସିନ ଷ୍ଟୋର ଏବଂ ମହାବୀର ମେଡିସିନ ଷ୍ଟୋର ର ଯଦି ସମସ୍ତ କାଗଜ ପତ୍ର ଠିକ ଆଉ ସରକାରୀ ନିୟମ ମୁତାବକ ଔଷଧ ବିକ୍ରି କରୁଛନ୍ତି ତେବେ ପୋଲିସ ଆସିବାର ସୂଚନା ପାଇ ଘଟଣା ସ୍ଥଳରୁ ସେ ଦୋକାନ ତାଲା ମାରି ପଳାଇଗଲେ କଣ ପାଇଁ, ଏହାକୁ ନେଇକି ସ୍ଥାନୀୟ ଲୋକ ଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି, ତେବେ ବାସ୍ତବ ରେ ଏହି ଘଟଣା ରେ କଣ ସତ୍ୟତା ରହିଛି ପୋଲିସ ର ତଦନ୍ତ ପରେ ସାମ୍ନା କୁ ଆସିବ।

## ଡାକ୍ତର ରୂପରେ ଭଗବାନ, ଡାକ୍ତର ଅରୁଣ କୁମାର ଗିରି



(ମହାଭାରତ /ବସ୍ତା) କୁହାଯାଏ ଡାକ୍ତର ହେଉଛନ୍ତି, ଦ୍ୱିତୀୟ ଭଗବାନ କିମ୍ବା ଭଗବାନଙ୍କ ଅନ୍ୟ ରୂପ। ଆଉ ସେହିପରି ଜଣେ ଦରଦୀ ନିଷ୍ଠାବାନ ଡାକ୍ତର ପାଇଁ ନିଶ୍ଚିତ ମୃତ୍ୟୁ ମୁଖରୁ ଫେରି ଆସିଛି ସାତ ଦିନର ଶିଶୁ କନ୍ୟା। ଯାହା ଚିକିତ୍ସା କ୍ଷେତ୍ର ରେ ଏକ ବିରାଟ ସଫଳତା। ଆଉ ସେହି ଭଗବାନ ରୂପି ଡାକ୍ତର ହେଉଛନ୍ତି ଡାକ୍ତର ଅରୁଣ କୁମାର ଗିରି, ଯିଏକି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କୁଳିଦା ପଞ୍ଚାୟତ କୁଳିଦା ଗ୍ରାମର ସ୍ୱର୍ଗତ ତ୍ରିଲୋଚନ ଗିରି ଓ ହେମଲତା ଗିରିଙ୍କ ସୁପୁତ୍ର ଅଟନ୍ତି ।ଏବେ ସେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟରତ ଅଛନ୍ତି। ଗତ ଅଗଷ୍ଟ ୫ ତାରିଖ ରେ ବସ୍ତା ଥାନା, ବଳବୁଦ୍ଧି ଗ୍ରାମର ଜଣେ ସାତଦିନର ଶିଶୁ କନ୍ୟାର ମୁଣ୍ଡକୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଏସ୍‌ଏନ୍‌ସିୟୁକୁ ନେଇଯାଇଥିଲେ। ସେହି ସମୟରେ ଡାକ୍ତର ଅରୁଣ ଡିଉଟି ରେ ଥିଲେ, ସେତେବେଳକୁ ଶିଶୁ କନ୍ୟାଟି ନିସ୍ତେଜ୍ ହେବା ସହିତ କ୍ରମଶଃ ଗୁରୁତର ହୋଇ ଯାଇଥିଲେ। ତଥାବି ସେ ନିରାଶ ନହୋଇ, ଗମ୍ଭୀର ସହକାରେ ଘଟଣା କୁ ଗ୍ରହଣ କରି ଚିକିତ୍ସା ଆରମ୍ଭ କରିଥିଲେ। ପାଞ୍ଚ ଦିନ ପରେ ପିଲାଟି ଜୀବନ ବଞ୍ଚାଇ ସ୍ୱାଭାବିକ ହୋଇ ଘରକୁ ଫେରିଥିଲେ ବି, ଦୀର୍ଘ ୨ ମାସ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଚେକ୍‌ଅପ୍ କରିଥିଲେ। ଏବେ ପିଲାଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ, ତାଙ୍କର ନିଷ୍ଠା ଓ କର୍ତ୍ତବ୍ୟ ପରାୟଣ ପାଇଁ ନିଶ୍ଚିତ ମୃତ୍ୟୁ ମୁଖରୁ ଶିଶୁ କନ୍ୟା କୁ ନୂଆ ଜୀବନ ଦେଇଥିବାରୁ ଜାତୀୟ ନବଜାତ ସପ୍ତାହ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ଅଗ୍ନିକାଣ୍ଡରେ ଛାରଖାର ହୋଇଗଲା ଦୁଇ ବଖରା

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଚଡେୟାପଲ୍ଲୀ ଅନ୍ତର୍ଗତ ତଇଲାସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାର ର ଦୁଇ ବଖରା ଘର ଜଳି ପାଉଁଶ ହୋଇଯାଇଛି। ବୁଧବାର ଦିନ ଅପରାହ୍ନ ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ଅନୁସାରେ ଭୋଳେଶ୍ୱର ନାଏକ ଓ ଭାଗିରଥି ନାଏକ ଙ୍କ ଘର ନିଆଁ ଲାଗିଥିବା ସମୟରେ ଘରେ କେହି ନଥିଲେ। ଗ୍ରାମବାସୀଙ୍କ ସହଯୋଗରେ ନିଆଁ କୁ ଆୟତ୍ତ କରିଥିବା ବେଳେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇ ଥିଲେ।

# ଜିଲ୍ଲାସ୍ତରୀୟ ସର୍ଗିଫୁଲ ଶିଶୁ ମହୋତ୍ସବ ଉଦ୍‌ଯାପିତ

ପାରଳାଖେମୁଣ୍ଡ(ମହାଭାରତ) : ଗଜପତି ଜିଲ୍ଲା ସ୍ତରୀୟ ସର୍ଗିଫୁଲ ଶିଶୁ ମହୋତ୍ସବ-୨୦୨୫ ମାଇନରିଟି ହଷ୍ଟେଲ ପାରଳାଖେମୁଣ୍ଡି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା ଜିଲ୍ଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାସ ଏବଂ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଚ୍ଚିଦାନନ୍ଦ ପୃଷ୍ଟି ଯୋଗଦେଇ ଶୁଭାରମ୍ଭ କରିଥିଲେ । ସାତୋଟି ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ପ୍ରାୟ ୬୭ଟି ବିଦ୍ୟାଳୟର ପନ୍ଦର ଶହରୁ ଦୁଇ ହଜାର ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଯୋଗ ଦେଇଥିଲେ । ଏହା ତା ୧୮. ୧୧.୨୦୨୫ ଏବଂ ୧୯. ୧୧.୨୦୨୫ ତାରିଖ ଦୁଇଦିନ ଧରି ଚାଲିଥିଲା । ପ୍ରଥମ ଦିନ ସନ୍ଧ୍ୟାରେ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ, ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ମୁଖ୍ୟବକ୍ତା ଭାବରେ ରାୟଗଡା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁ, ପାରଳା ପୌରପରିଷଦ ଅଧକ୍ଷା ନିର୍ମଳା ସେଠି ଏବଂ ଅନ୍ୟାନ୍ୟ ଅତିଥିଙ୍କ ସହିତ ଆବାହକ ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା ଉପସ୍ଥିତ ଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରେ ଆବାହକ ରାଇକା ମହୋଦୟ ସର୍ଗିଫୁଲର ଉଦ୍ଦେଶ୍ୟ ଓ ମହତ୍ୱ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏଥି ସଙ୍ଗେ ସଙ୍ଗେ ବିଭାଗର ଛାତ୍ରଛାତ୍ରୀ ମାନେ ବିଭିନ୍ନ ବିଭାଗରେ ରାଜ୍ୟ ସ୍ତରରେ କୃତିତ୍ୱ ହାସଲ କରିଥିବା କଥା କହିଥିଲେ। ଏଥର ଜିଲ୍ଲାରେ ପ୍ରଥମ କରି ଜିଲ୍ଲା ସ୍ତରୀୟ ସର୍ଗିଫୁଲର ସ୍ମରଣିକା ନିର୍ଝରିଣୀ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏତ୍ ବ୍ୟତୀତ ଲଳିତ ମୋହନ ମିଶ୍ରଙ୍କ ଶିଶୁ ଗଳ୍ପ ସଙ୍କଳନ ମଣ୍ଟୁ ମୂଷାର କରାମତି ମଧ ଉନ୍ମୋଚିତ ହୋଇଅଛି । ବିଧାୟକ ତାଙ୍କର ବକ୍ତବ୍ୟରେ ଶିଶୁମାନେ ହିଁ ଦେଶର ପ୍ରଗତି ବୋଲି କହିଥିଲେ । ଆମର ପିଲାମାନେ ରାଜ୍ୟ ସ୍ତରରେ କିପରି ଅଧିକ ସୁନାମ ଆଣିବେ ଏବଂ ଗୁରୁମାନଙ୍କର ପ୍ରେରଣା ଏକାନ୍ତ କାମ୍ୟ ବୋଲି ବକ୍ତବ୍ୟରେ କହିଥିଲେ । ପ୍ରଥମ ଦିନ ଏବଂ ଦ୍ୱିତୀୟ ଦିନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଦଳଗତ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଏତ୍ ବ୍ୟତୀତ ସର୍ଗିଫୁଲ ୨୦୧୦ ଠାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇ ଆସୁଥିବା ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ତର୍କ, ଏକକ ସଙ୍ଗୀତ, ଏକକ ନୃତ୍ୟ, ବିଜ୍ଞାନ ମେଳା, ଭଲିବଲ୍ ପ୍ରତିଯୋଗିତା, କୁଇଜ୍ ଇତ୍ୟାଦି ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନ ସନ୍ଧ୍ୟାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଏବଂ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ତଥା ଅନ୍ୟାନ୍ୟ ଅତିଥିଗଣ । ମୋହନା ବିଧାୟକ ତାଙ୍କର ବକ୍ତବ୍ୟରେ କହିଥିଲେ ଆମ ଜିଲ୍ଲାର ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀମାନ ଆଶାନୁରୂପକ ସଫଳତା ଆଣିଦେଇଛନ୍ତି । ସେହି ପକ୍ରିୟା ଚାଲୁ ରହୁ ଯ ଆମର ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ହେଉ । ଏହି ବିଭାଗର ଅଧିକାରୀମାନେ ଅଧିକ ନିଷ୍ଠାପର ହୁଅନ୍ତୁ । ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଅବଦାନ ଛାତ୍ରଛାତ୍ରୀମାନଙ୍କୁ ଆହୁରି ଆଗେଇ ନେବାରେ ସହାୟକ ହେଉ। ସମସ୍ତ ପ୍ରତିଯୋଗିତାକୁ ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। ମଞ୍ଚ ପରିଚାଳନା ଅତି ସୁନ୍ଦର ଥିଲା । ଛାତ୍ରଛାତ୍ରୀମାନଙ୍କ ଦଳଗତ ନୃତ୍ୟ ଅତିଥିମାନଙ୍କ ମନ ମୋହିଥିଲା । ବିଭାଗର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟ ସୂଚାରୁ ରୂପେ ପରିଚାଳିତ ହୋଇଥିବାରୁ ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ମରାଠୀ କହି ନପାରିବାରୁ ଛାତ୍ରକୁ ମାଡ

ମହାରାଷ୍ଟ୍ର : ମହାରାଷ୍ଟ୍ରର କଲ୍ୟାଣ ପୂର୍ବର ତିସଗାଁଓ ନାକା ଅଞ୍ଚଳରୁ ଏକ ଦୁଃଖଦ ତଥା ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି। ମରାଠୀ କରି ନ ପାରିବାରୁ କିଛି ଲୋକ ଜଣେ ଛାତ୍ରକୁ ମାଡ଼ ମାରିବା ପରେ ସେ ଘରକୁ ଫେରି ଆତ୍ମହତ୍ୟା କରିଛି । ମୃତ ଛାତ୍ରଙ୍କ ନାଁ ଅର୍ଣ୍ଣବ ଖେରେ । ପୁଲିସରେ କରାଯାଇଥିବା ଅଭିଯୋଗ ହୋଇଛି ଯେ ମରାଠୀ କହି ନ ପାରିବାରୁ କିଛି ଲୋକ ଅର୍ଣ୍ଣବକୁ ଟ୍ରେନରେ ପିଟି ପିଟି ମାନସିକ ଯନ୍ତ୍ରଣା ଦେଇଥିଲେ। ଘରକୁ ଫେରିବା ପରେ ସେ ଆତ୍ମହତ୍ୟା କରିଥିଲେ। ଅର୍ଣ୍ଣବଙ୍କ ବାପା ଜିତେନ୍ଦ୍ର ଖୈରେ କହିଛନ୍ତି, 'ମୁଁ ମୋ ପୁଅକୁ ପଢ଼ିବାକୁ ପଠାଇଥିଲି, କିନ୍ତୁ ସେ ଶବ ହୋଇ ଫେରି ଆସିଥିଲା।' ଏହି ବୟାନ ସମଗ୍ର ସହରକୁ ଥରାଇ ଦେଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି ଏବଂ ଅଭିଯୁକ୍ତମାନଙ୍କୁ ଖୋଜୁଛି। ରିପୋର୍ଟ ଅନୁଯାୟୀ, ଅର୍ଣ୍ଣବ କଲେଜ ପାଇଁ ମୁଲୁଣ୍ଡ ଯାତ୍ରା କରୁଥିଲେ। ଯାତ୍ରା ସମୟରେ ଜଣେ ଯାତ୍ରୀ ତାଙ୍କୁ ଠେଲି ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଯାହାକି ପରେ ମରାଠୀ ବନାମ ହିନ୍ଦୀ ଭାଷା ବିବାଦ ଆଡ଼କୁ ଯାଇଥିଲା । ଏହାକୁ ନେଇ ଚାରି କିମ୍ବା ପାଞ୍ଚ ଜଣ ଲୋକ ଅର୍ଣ୍ଣବଙ୍କୁ ନିର୍ମମ ଭାବରେ ମାଡ଼ ମାରିଥିଲେ। ଏଥିରେ ଅର୍ଣ୍ଣବଙ୍କ ମୁଣ୍ଡ ଓ ଶରୀରରେ ଆଘାତ ଲାଗିଥିଲା । ଅପମାନରେ ଘରକୁ ଫେରି ସେ ଆତ୍ମହତ୍ୟା କରିଥିଲେ । ଅର୍ଣ୍ଣବଙ୍କ ବାପା କହିଛନ୍ତି ଯେ ତାଙ୍କ ପୁଅ ଜଣେ ଶାନ୍ତ ବ୍ୟକ୍ତି ଥିଲା ଏବଂ ଏହି ଆକ୍ରମଣ ତାଙ୍କୁ ହୃଦୟରୁ ଭାଙ୍ଗି ଦେଇଛି। ସେ କହିଛନ୍ତି, 'ଯଦି ପୋଲିସ ସମୟ ମଧ୍ୟରେ ଅଭିଯୁକ୍ତଙ୍କୁ ଧରି କଠୋର ଦଣ୍ଡ ଦିଏ, ତେବେ ଅନ୍ୟ କୌଣସି ପିତାମାତାଙ୍କୁ ଏପରି ଦିନର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।'

## କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଟେକଓଭର କରିପାରିବ ନାହିଁ: ସୁପ୍ରିମକୋର୍ଟ





ନୂଆଦିଲ୍ଲୀ: ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କୁ ବିଧେୟକ ମଞ୍ଜୁରୀ ପାଇଁ ସମୟସୀମା ସ୍ଥିର କରିବା ପ୍ରସଙ୍ଗରେ ଦୀର୍ଘ ଶୁଣାଣି ପରେ ଆଜି ସୁପ୍ରିମକୋର୍ଟ ତାଙ୍କ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବ ନାହିଁ। ଆଜି ଉଓଓ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ସନ୍ଦର୍ଭ ସପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଉପସ୍ଥାପିତ କରିଥିବା ଯୁକ୍ତି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବେ ନାହିଁ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳ ଏକ ବିଲ୍ ପ୍ରତି ତାଙ୍କର ସମ୍ମତି ଦେଇପାରିବେ, ବିଲ୍ କୁ ସ୍ଥଗିତ ରଖିପାରିବେ ଏବଂ ଫେରାଇ ପାରିବେ, କିମ୍ବା ବିଲ୍ କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ପାରିବେ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳଙ୍କ ପାଖରେ କୌଣସି ଅନ୍ୟ ବିକଳ୍ପ ନାହିଁ। ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି ଯେ ରାଜ୍ୟପାଳମାନେ ରାଜ୍ୟ ବିଲ୍ କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରିପାରିବେ ନାହିଁ, କିନ୍ତୁ ଏହା ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ କୌଣସି ସମୟସୀମା ସ୍ଥିର କରିବାକୁ ମନା କରିଦେଇଛି। ତାମିଲନାଡୁ ମାମଲାରେ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶ ଅସାମ୍ବିଧାନିକ - ସୁପ୍ରିମକୋର୍ଟ ସୁପ୍ରିମକୋର୍ଟ କହିଛନ୍ତି ଯେ ରାଜ୍ୟପାଳ ବିଲ୍ ପାଇଁ ସମ୍ମତି ପ୍ରଦାନ କରିବା ପାଇଁ କୋର୍ଟ ସମୟ ସୀମା ସ୍ଥିର କରିପାରିବେ ନାହିଁ। ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସାମ୍ବିଧାନିକ କୋର୍ଟ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସମୟ ସୀମା ଲାଗୁ କରିପାରିବେ ନାହିଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ତାମିଲନାଡୁ ମାମଲାରେ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ଏପରି ନିର୍ଦ୍ଦେଶ ଅସାମ୍ବିଧାନିକ।

ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ସାମ୍ବିଧାନିକ କୋର୍ଟ ରାଜ୍ୟପାଳଙ୍କ ସମ୍ମୁଖରେ ବିଚାରାଧୀନ ବିଲ୍ ପାଇଁ ବୈଧ ସମ୍ମତି ଦେଇପାରିବେ ନାହିଁ, କାରଣ ଏକ ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨ ଅନୁଯାୟୀ କ୍ଷମତା ବ୍ୟବହାର କରି ୧୦ଟି ତାମିଲନାଡୁ ବିଲ୍ ପାଇଁ ବୈଧ ସମ୍ମତି ପ୍ରଦାନ କରିଛନ୍ତି। ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ କ୍ଷମତାକୁ ଅସାମ୍ବିଧାନିକ ଭାବରେ ହଡ଼ପ କରିପାରିବେ ନାହିଁ।

## ଆଜମ ଖାନର ପରିଚୟ କଏଦୀ ନମ୍ବର ୪୨୫



ନୂଆଦିଲ୍ଲୀ: ସମାଜବାଦୀ ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଆଜମ ଖାନ ଏବଂ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କୁ ରାମପୁର ଜିଲ୍ଲା ଜେଲର ଗୁନ୍ନା ରେଜିଷ୍ଟରରେ ଆନୁଷ୍ଠାନିକ ଭାବରେ ପଞ୍ଜୀକୃତ କରାଯାଇଛି। ଜେଲ ଅଧିକାରୀ ରାଜେଶ ଯାଦବଙ୍କ ଅନୁଯାୟୀ, ଆଜମ ଖାନଙ୍କୁ କଏଦୀ ନମ୍ବର ୪୨୫ ଏବଂ ଅବଦୁଲ୍ଲା ଆଜମଙ୍କୁ କଏଦୀ ନମ୍ବର ୪୨୬ ଦିଆଯାଇଛି। ବାପା ଓ ପୁଅ ଦୁହିଁଙ୍କୁ ଦଶ ଦିନ ପାଇଁ ରାମପୁର ଜେଲର କ୍ୱାରେଣ୍ଟାଇନ୍ ବାରାକରେ ବାରାକ ନମ୍ବର ୧ରେ ରଖାଯାଇଛି। ଜେଲ ମାନୁଆଲ୍ ଅନୁଯାୟୀ ଉଭୟଙ୍କୁ ଜଳଖିଆ ପାଇଁ ଦଳିଆ, ଚଣା ଖାଇବାକୁ ଦିଆଯିବା ସହିତ ଚା' ଓ ପାଣି ପିଇବାକୁ ଦିଆଯାଉଛି। ଡାକ୍ତରୀ ରିପୋର୍ଟ ଆଧାରରେ ବାପ ଓ ପୁଅ ଦୁହିଁଙ୍କ ଚିକିତ୍ସା କରାଯାଉଛି। ରାମପୁର ଏମପି-ଏମଏଲଏ ମାଜିଷ୍ଟ୍ରେଟ କୋର୍ଟରୁ ଏକ ନିର୍ଦ୍ଦେଶ ମିଳିଛି। ଏହି ନିର୍ଦ୍ଦେଶ ଅନୁଯାୟୀ ଉଭୟ ପକ୍ଷଙ୍କ ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜେଲ ମାନୁଆଲ୍ ଅନୁଯାୟୀ କରାଯିବ। ଆଦେଶରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଆଜମ ଖାନଙ୍କୁ ଜେଲରୁ ସ୍ଥାନାନ୍ତର କରିବା ପୂର୍ବରୁ କୋର୍ଟଙ୍କ ଅନୁମତି ବାଧ୍ୟତାମୂଳକ ହେବ। ଉଲ୍ଲେଖନୀୟ ଯେ ଏସପି ନେତା ଆଜମ ଖାନ ଏବଂ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କୁ ଦୁଇଟି ପାନ କାର୍ଡ ମାମଲାରେ ରାମପୁର ଏମପି-ଏମଏଲଏ ସ୍ୱତନ୍ତ୍ର କୋର୍ଟ ସାତ-ସାତ ବର୍ଷର ଜେଲଦଣ୍ଡ ଏବଂ ପ୍ରତ୍ୟେକଙ୍କୁ ପଚାଶ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ପରେ ଉଭୟଙ୍କୁ ରାମପୁର ଜେଲକୁ ପଠାଯାଇଛି ଏବଂ ସାଧାରଣ କଏଦୀଙ୍କ ପରି ବ୍ୟବହାର କରାଯାଉଛି। ଆଜମ ଖାନ ୨୩ ମାସ ଜେଲରେ ରହିବା ପରେ ମାତ୍ର ୫୫ ଦିନ ପୂର୍ବରୁ ସେପ୍ଟେମ୍ବର ୨୩ ତାରିଖରେ ସୀତାପୁର ଜେଲରୁ ଜାମିନରେ ମୁକ୍ତ ହୋଇଥିଲେ। ସେ ପୁଣି ଥରେ ପାନ କାର୍ଡ ମାମଲାରେ ଜେଲଦଣ୍ଡ ଭୋଗୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଭାଜପା ନେତା ଏବଂ ବର୍ତ୍ତମାନର ନଗର ବିଧାୟକ ଆକାଶ ସାକ୍ସେନା ୨୦୧୯ରେ ସିଭିଲ ଲାଇନ୍ସ ପୁଲିସ ଷ୍ଟେସନରେ ଅବଦୁଲ୍ଲା ଆଜମଙ୍କ ବିରୋଧରେ ଏକ ମାମଲା ଦାୟର କରିଥିଲେ। ଏଥିରେ ଅଭିଯୋଗ କରାଯାଇଥିଲା ଯେ ଅବଦୁଲ୍ଲା ଆଜମ ଦୁଇଟି ଭିନ୍ନ ଜନ୍ମ ପ୍ରମାଣପତ୍ର ବ୍ୟବହାର କରି ଦୁଇଟି ପାନ କାର୍ଡ ହାସଲ କରିଥିଲେ। ଏସପି ନେତା ଆଜମ ଖାନଙ୍କ ନିର୍ଦ୍ଦେଶରେ ପୁଅ ଅବଦୁଲ୍ଲା ସମୟ ସମୟରେ ଉଭୟ ପାନ କାର୍ଡକୁ ବ୍ୟବହାର କରୁଥିଲେ।

## ଲୁଧିଆନାରେ ଆତଙ୍କବାଦୀ ଷଡ଼ଯନ୍ତ୍ର ପଣ୍ଡ, ୨ ଆତଙ୍କବାଦୀ ଗିରଫ





ଲୁଧିଆନା : ପଞ୍ଜାବର ଲୁଧିଆନାରେ ଏକ ବଡ଼ ଆତଙ୍କବାଦୀ ଯୋଜନା ପଣ୍ଡ କରାଯାଇଛି । ଏକ ଏନକାଉଣ୍ଟର ପରେ ପୁଲିସ ଦୁଇ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଦୁଇଟି ହାଣ୍ଡ୍ ଗ୍ରେନେଡ୍ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ, ଲୁଧିଆନା କମିସନରେଟ୍ ପୁଲିସ ଦୁଇ ଆତଙ୍କବାଦୀଙ୍କ ସହ ଏନକାଉଣ୍ଟରରେ ନିୟୋଜିତ ହୋଇଥିଲା ଯେଉଁମାନେ ହାଣ୍ଡ୍ ଗ୍ରେନେଡ୍ ସହିତ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ଲାଡୋୱାଲ ନିକଟରେ ଏହି ଏନକାଉଣ୍ଟର ହୋଇଥିଲା ଯେତେବେଳେ ଏକ ପୁଲିସ ଦଳ ପାଟ୍ରୋଲିଂ କରୁଥିବା ସମୟରେ ସେ ସେହି ବାଟ ଦେଇ ଯାଉଥିବା ଦୁଇଜଣ ସଂଦିଗ୍ଧ ଆତଙ୍କବାଦୀଙ୍କୁ ଦେଖିଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ନ ଅଟକି ଖସିପଳାଇବାକୁ ଉଦ୍ୟମ କରିଥିଲେ ଓ ପୁଲିସ ଉପରକୁ ଗୁଳି ଚଳାଇଥିଲେ । ଏହାପରେ ପୁଲିସ ପାଲଟା ଗୁଳିଚାଳନା କରିଥିଲା । ଏହାପରେ ଅଧିକ ସଂଖ୍ୟକ ପୁଲିସ ବଳ ସେଠାରେ ପହଞ୍ଚି ସେମାନଙ୍କୁ ଘେରିଯାଇଥିଲେ । ଗୁଳି ବିନିମୟରେ ଉଭୟ ଆହତ ହୋଇଥିଲେ। ଏହା ପରେ ପୁଲିସ ସେମାନଙ୍କୁ ଗିରଫ କରି ଡାକ୍ତରଖାନା ନେଇଥିଲା। ଆହତ ହୋଇଥିବା ଆତଙ୍କବାଦୀମାନଙ୍କଠାରୁ ପୁଲିସ ଦୁଇଟି ହାତ ଗ୍ରେନେଡ୍, ଚାରୋଟି ପିସ୍ତଲ ଏବଂ ପଚାଶ ରାଉଣ୍ଡରୁ ଅଧିକ ଗୁଳି ଜବତ କରିଛି। ସେମାନେ ଏକ ବଡ଼ ଆକ୍ରମଣ ଯୋଜନା ଥିଲେ ବୋଲି ପୁଲିସ ସଂଦେହ କରୁଛି। ପୁଲିସ କମିସନର ସ୍ୱପନ ଶର୍ମା ବ୍ୟକ୍ତିଗତ ଭାବରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ।

## ସମ୍ବାଦପତ୍ର ଅଫିସରୁ ମିଳିଲା ଏକେ-୪୭ ଗୁଳି

ଜମ୍ମୁ : ଜମ୍ମୁ ଏବଂ କାଶ୍ମୀର ପୁଲିସର ରାଜ୍ୟ ତଦନ୍ତ ସଂସ୍ଥା ଜମ୍ମୁରେ ଏକ ଇଂରାଜୀ ଖବରକାଗଜ କାଶ୍ମୀର ଟାଇମ୍ସର କାର୍ଯ୍ୟାଳୟରେ ଚଢାଉ କରିଛି। ଏହି ଖବରକାଗଜ ବିରୋଧରେ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହିବା, ଦେଶ ବିରୁଦ୍ଧରେ ଘୃଣା ପ୍ରସାର କରିବା ଏବଂ ସାର୍ବଭୌମତ୍ୱକୁ ବିପଦରେ ପକାଇବା ଅଭିଯୋଗ ରହିଥିଲା। ସୂତ୍ର ଅନୁଯାୟୀ, ଏସଆଇଏ ପକ୍ଷରୁ ଜମ୍ମୁରେ କାଶ୍ମୀର ଟାଇମ୍ସ ଖବରକାଗଜ କାର୍ଯ୍ୟାଳୟରେ ସର୍ଚ୍ଚ ଅପରେସନ ସମୟରେ କିଛି ଏକେ-୪୭ ଗୁଳି ଏବଂ ଏକ ଗ୍ରେନେଡ୍ ଲିଭର ଜବତ କରାଯାଇଥିଲା। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ 'ଦେଶର ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟକଳାପକୁ ପ୍ରଶଂସା କରିବା' ପାଇଁ ଖବରକାଗଜ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଛି। ଅଧିକାରୀ କହିଛନ୍ତି ଯେ ଝଓଇ ଅଧିକାରୀମାନେ ଖବରକାଗଜର ପରିସର ଏବଂ କମ୍ପ୍ୟୁଟରଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରିଛନ୍ତି। ପ୍ରକାଶନ ଏବଂ ଏହାର ପ୍ରମୋଟରମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଛି, ଏବଂ ସେମାନଙ୍କୁ ପଚରାଉଚରା କରାଯାଇପାରେ। ଏହି ଚଢଉର ଜବାବରେ କଶ୍ମୀର ଟାଇମ୍ସ ପକ୍ଷରୁ କୁହାଯାଇଛି ଯେ ସେମାନଙ୍କ ସ୍ୱରକୁ ଚପାଇ ଦେବାକୁ ଏହି ଚଢଉ କରାଯାଉଛି । ସରକାରଙ୍କ ବିରୋଧରେ ଅପ୍ରିୟ ସତକଥା କହୁଥିବା ଅଳ୍ପକିଛି ସ୍ୱର ମଧ୍ୟରେ ଏହି ସମ୍ବାଦପତ୍ର ରହିଛି । ଏବେ ଏହି ସ୍ୱରକୁ ଦବାଇବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି ।




## ଗ୍ରେଟର ନୋଏଡାରେ ଭୁଶୁଡିଲା ୩ ମହଲା କୋଠା, ୪ ମୃତ



ଉତ୍ତର ପ୍ରଦେଶ : ଉତ୍ତର ପ୍ରଦେଶର ଗ୍ରେଟର ନୋଏଡାରେ ଏକ ତିନି ମହଲା ବିଶିଷ୍ଟ ଏକ କୋଠାର ସେଟରିଂ ହଟାଇବା ସମୟରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ପୋଲିସ ଏବଂ ଏନଡିଆରଏଫ ଟିମ୍ ସହାୟତାରେ ସାତ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ତିନି ମହଲା କୋଠାର ସେଟରିଂ ହଟାଇବା ସମୟରେ ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଖବର ମୁତାବକ, ରାବୁପୁରା ଥାନା ଅଞ୍ଚଳ ଅନ୍ତର୍ଗତ ନାଗଲା ହୁକୁମ ସିଂହ ଗାଁରେ ଏହି ଘଟଣା ଘଟିଛି । ଗ୍ରେଟର ନୋଏଡାରେ ଏକ ତିନି ମହଲା ବିଶିଷ୍ଟ ଏକ କୋଠାର ସେଟରିଂ ହଟାଇବା ସମୟରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ପୋଲିସ ଏବଂ ଏନଡିଆରଏଫ ଟିମ୍ ସହାୟତାରେ ସାତ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଦୁର୍ଘଟଣା ପରେ, ଜେୱାର ବିଧାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ମୃତକଙ୍କ ପରିଚୟ ମିଳିଛି । ଏମାନଙ୍କ ବୟସ ୩୮ ବର୍ଷ ବୟସରୁ ୧୮ ବର୍ଷର ବୋଲି ଜଣାପଡିଛି । ଯେଉଁମାନେ ନିଖୋଜ ରହିଛନ୍ତି, ସେମାନଙ୍କୁ ଖୋଜା ଚାଲିଛି ।

## ଜାନୁଆରୀରେ ଥିଲା ବାହାଘର, କିନ୍ତୁ ନକ୍ସଲ ଏନକାଉଣ୍ଟରରେ ସହିଦ ହେଲେ ଇନ୍ସପେକ୍ଟର ଆଶିଷ ଶର୍ମା



ମଧ୍ୟପ୍ରଦେଶ : ପୁଅର ବିବାହ ପାଇଁ ପ୍ରସ୍ତୁତ ଥିଲା ପରିବାର । ପୁଅ ସହ ପ୍ରତିଦିନ କଥା ନହେଲେ ମା'କୁ ରାତିରେ ନିଦ ହୁଏନି । କିନ୍ତୁ ହଠାତ ଖବର ଆସିଲା ପୁଅ ସହିଦ ହୋଇଯାଇଛି । ଖବର ଶୁଣି ମା' ପାଦ ତଳୁ ଯେମିତି ମାଟି ଖସିଗଲା । କୋଉ ମା' ବା ଏମିତି ଖବର ଶୁଣି ଧୈର୍ଯ୍ୟ ଧରିବ । ଘର ଲୋକଙ୍କ କାନ୍ଦ ବୋବାଳିରେ ଫାଟି ପଡୁଥିଲା ଘର । ସାହି ଭାଇ ସ୍ତବ୍ଧ । ଭେଣ୍ଡିଆ ପୁଅଟା ମାଟି ମା'ର ସେବା ପାଇଁ ବାହାରେ ରହୁଥିଲା ଯେ ଏବେ ତାର ମରଶରୀର ଗାଁକୁ ଫେରିଛି । ଛତିଶଗଡ଼-ମଧ୍ୟପ୍ରଦେଶ ସୀମାନ୍ତରେ ନକ୍ସଲମାନଙ୍କ ସହ ଏକ ଏନକାଉଣ୍ଟରରେ ମଧ୍ୟପ୍ରଦେଶ ପୋଲିସ ଇନ୍ସପେକ୍ଟର ଆଶିଷ ଶର୍ମା ସହିଦ ହୋଇଯାଇଛନ୍ତି । ହକ୍ ଫୋର୍ସର ବାଲାଘାଟ ୟୁନିଟ୍ର ଇନ୍ସପେକ୍ଟର ଆଶିଷ ଶର୍ମା ନରସିଂହପୁର ବୋହାନି ଗାଁର ବାସିନ୍ଦା ଥିଲେ । ଆଶିଷ ଜାନୁଆରୀରେ ମାସରେ ବାହା ହୋଇଥାନ୍ତେ । ପରିବାର ଲୋକେ ଏନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଥିଲେ । କିନ୍ତୁ ସବୁ ଖୁସି ପାଣି ଫୋଟକା ପରି ମିଳେଇ ଗଲା । ମାସ ପରେ ପୁଅର ବିବାହ ହୋଇଥାନ୍ତା । ବୋହୂକୁ କେମିତି ସ୍ୱାଗତ କରିଥାନ୍ତେ ସେଇ କଥା ଭାବୁଥିଲେ ସହିଦ ଆଶିଷଙ୍କ ମା' । କିନ୍ତୁ ଏବେ ପୁଅକୁ ହରାଇ ଖାଲି ଲୁହ ଗଡ଼ାଉଛନ୍ତି । ସହିଦ ଇନ୍ସପେକ୍ଟର ୨୯ ବର୍ଷିୟ ଆଶିଷ ଶର୍ମାଙ୍କ ବାପା ଦେବେନ୍ଦ୍ର ଶର୍ମା ଜଣେ ଚାଷୀ ଭାବେ କାମ କରୁଥିବାବେଳେ ତାଙ୍କ ମା' ଶର୍ମିଳା ଶର୍ମା ଜଣେ ଗୃହିଣୀ ଭାବେ ଘର କାମ କରନ୍ତି । ତାଙ୍କ ସାନ ଭାଇ ଅଙ୍କିତ ଶର୍ମା ପାଠ ପଢୁଛନ୍ତି । ୨୦୧୬ ରେ ସବ-ଇନ୍ସପେକ୍ଟର ଭାବରେ ଝଇଉରେ ଯୋଗ ଦେଇଥିବା ଆଶିଷ ୨୦୧୮ରେ ହକ୍ ଫୋର୍ସରେ ଯୋଗ ଦେଇଥିଲେ ଏବଂ ନକ୍ସଲମାନଙ୍କ ବିରୁଦ୍ଧରେ ଅନେକ ସଫଳ ଅପରେସନର ନେତୃତ୍ୱ ନେଇଥିଲେ । ୨୦୨୨ ମସିହାରେ ବାଲାଘାଟର ହରାଟୋଲା ଜଙ୍ଗଲରେ ମାଓବାଦୀ ରୂପେଶର ଏନକାଉଣ୍ଟରର ନେତୃତ୍ୱ ନେଇଥିଲେ ଆଶିଷ । ଏଥିପାଇଁ ତାଙ୍କୁ ସାହସିକତା ପଦକ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ସେ ୨୦୨୩ ମସିହାରେ କୁଖ୍ୟାତ ମହିଳା ନକ୍ସଲ ସରିତା ଏବଂ ସୁନୀତାଙ୍କୁ ଏନକାଉଣ୍ଟର କରିବାର ଗୌରବ ଅର୍ଜନ କରିଥିଲେ । ଚଳିତ ବର୍ଷ ଫେବୃଆରୀରେ ତିନି ଜଣ ମହିଳା ନକ୍ସଲଙ୍କୁ ଏନକାଉଣ୍ଟର କରିବା ପରେ ଆଶିଷଙ୍କୁ ଇନ୍ସପେକ୍ଟର ପଦବୀରେ ପଦୋନ୍ନତି ଦିଆଯାଇଥିଲା । ସୂଚନା ଥାଉ କି ମହାରାଷ୍ଟ୍ର-ମଧ୍ୟପ୍ରଦେଶ-ଛତିଶଗଡ଼ ଜୋନରେ ନକ୍ସଲମାନଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ଉଭୟ ରାଜ୍ୟର ସୁରକ୍ଷା କର୍ମୀଙ୍କ ଏକ ମିଳିତ ଦଳ ନକ୍ସଲ ବିରୋଧୀ ଅଭିଯାନ ଆରମ୍ଭ କରିଥିଲା । ଏଥିରେ ସାମିଲ ଥିଲେ ଆଶିଷ । ଛତିଶଗଡ଼ର କନ୍ଧୁରା ଜଙ୍ଗଲରେ ଆରମ୍ଭ ହୋଇଥିଲା ଗୁଳି ବିନିମୟ । ଗୁଳି ବିନିମୟରେ ମଧ୍ୟପ୍ରଦେଶ ପୋଲିସର ହକ୍ ଫୋର୍ସର ଇନ୍ସପେକ୍ଟର ଆଶିଷ ଶର୍ମା ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ଛତିଶଗଡ଼ର ଡୋଙ୍ଗରଗଡ଼କୁ ଏୟାରଲିଫ୍ଟ କରାଯାଇଥିଲା, କିନ୍ତୁ ସମସ୍ତଙ୍କୁ ପର କରି ଆରପାରିକୁ ଚାଲିଯାଇଛନ୍ତି ଆଶିଷ । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଆଶିଷଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ନିୟମ ଅନୁଯାୟୀ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯିବ । ସହିଦଙ୍କ ସାନ ଭାଇଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦିଆଯିବ ଏବଂ ପରିବାରକୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସୁବିଧା ଏବଂ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଯାଦବ ।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ

# ଆଇଆରବି ଓ କୁମାରବସ୍ତ ବିଜୟୀ





ଖୋର୍ଦ୍ଧା: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ। ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ଆଇ ଆର ବି ଦଳ କୁମାରବସ୍ତ କୁ ୧୭ ରନ୍ ରେ ପରାସ୍ତ କରିଛି . ଆଇ ଆର ବି ଦଳ ପ୍ରଥମେ ବ୍ୟାଟିଂ କରି ସୁଶିଲ ପ୍ରଧାନ ଙ୍କ ୮୬ରନ ସହାୟତାରେ ୧୫ ଓଭର ରେ ୧୭୨ ରନ ସଂଗ୍ରହ କରିଥିଲେ ଜବାବରେ କୁମାରବସ୍ତ ଦଳ ଦେବାଶିଷ ବଳିଆରସିଂହ ଙ୍କ ୬୪ ରନ ସହାୟତା ରେ ୧୫ ଓଭର ରେ ୧୫୫ ରନ୍ କରି ପରାଜିତ ହୋଇଥିଲା । ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଧାନ ଙ୍କୁ ଷ୍ଟେରର ଲା ଡେପୁଟି ମ୍ୟାନେଜର ରାକେଶ ରାୟ ଓ ଗେଷ୍ଟ ରେଲେସନ ମ୍ୟାନେଜର ଓ୍ୱାନଡ୍ରେଲା ସ୍ମୃତି ରଞ୍ଜନ ମହାପାତ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ ରେ କୁମାରବସ୍ତ ଦଳ କଳାପଥର ଦଳ କୁ ୩୦ ରନ ରେ ପରାଜିତ କରିଥିଲେ।

ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ଦଳ ନିର୍ଦ୍ଧାରିତ ୧୫ ଓଭର ରୁ ୭ ଓ୍ୱିକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବି ବି ରାଉତରାୟ ୨୮ରନ କରିଥିଲେ। ଜବାବରେ କଳାପଥର ଦଳ ନିର୍ଦ୍ଧାରିତ ଓଭର ରେ ୯ ଓ୍ୱିକେଟ ହରାଇ ୧୧୮ ରନ ରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ କୁମାରବସ୍ତ ଦଳର ବି ବି ରାଉତରାୟ ଙ୍କୁ ସଞ୍ଜୟ ପାଇକରାୟ,ନରେଶ ସାହୁ, ଦୁର୍ଯ୍ୟୋଧନ ବରାଳ,କେଶବ ଗଜେନ୍ଦ୍ର ପୁରସ୍କୃତ କରିଥିଲ ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ,ତୁଷାରକାନ୍ତ ସୁନ୍ଦରାୟ,ଶ୍ରଦ୍ଧାକର ପାତ୍ର ଓ ସୁବ୍ରତ ରାଉତରାୟ ସ୍କୋରର ଦାୟିତପରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ। ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ୨୧/୧୧/୨୫ ଶୁକ୍ରବାର ପ୍ରଥମ ମ୍ୟାଚ୍ ପଳାଶପୁର ବନାମ ଅଚିଶଳ୍‌ଏବଂ ଦ୍ୱିତୀୟ ମ୍ୟାଚ ଗଙ୍ଗପଡ଼ା ବନାମ ବାଙ୍କୀ ଆଥଲେଟିକ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

## ତିନିଦିନିଆ ଖେଳକୁଦର ଶୁଭାରମ୍ଭ

ବଗୋମୁଣ୍ଡା : ମାଇଁଭାରତ ବଲାଙ୍ଗୀର ଓ କପିଳେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ୩ ଦିନିଆ ଖେଳ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି ମୁଖ୍ୟ ଅତିଥି ଯୁରାବନ୍ଧ ଗ୍ରା.ପ . ସରପଞ୍ଚ ପ୍ରତିନିଧି ନରେଶ ସଗ୍ରିଆ। ଉପସ୍ଥିତ ରହି ଉଦ୍ ଘାଟନ କରିଥିଲେ ସମ୍ମାନିତ ଅତିଥି ଭାବେ ଓ୍ୱାର୍ଡ ମେମ୍ବର ରସିକ ପୋଡ଼ , ଖଗେନ୍ଦ୍ର ସଗ୍ରିଆ।, ତପି ସଗ୍ରିଆ। ଉପସ୍ଥିତ ଥିଲେ ପ୍ରଥମ ଦିନରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଥିଲା ପ୍ରଥମ ମ୍ୟାଚ୍ ବଡଗମଡା ଓ ତେତେଲପଡା ମଧ୍ୟରେ ହୋଇଥିଲା ଏଥିରେ ବଡଗମଡା ଦଳ ୧-୦ ରେ ବିଜୟୀ ହେଇଥିଲା ଦ୍ୱିତୀୟ ମ୍ୟାଚ ନାରେନ ଓ ଚନ୍ଦୋତରା ମଧ୍ୟରେ ହୋଇଥିଲା ଏଥିରେ ନାରେନ ୧-୦ ରେ ବିଜୟୀ ହେଇଥିଲା ପ୍ରଥମ ସେମିଫାଇନାଲ ବଡଗମଡା ଓ ନାରେନ ମଧ୍ୟରେ ହୋଇଥିଲା ପ୍ଲାଷ୍ଟିକ ସୁଟ ଆଉଟ ରେ ବଡଗମଡା ବିଜୟୀ ହୋଇ ଫାଇନାଲ ରେ ପହଞ୍ଚିଛି ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ଫୁଟବଲ, ଭଲିବଲ , ଟେନିସ , ୧୦୦ ମି ଦୌଡ, ୨୦୦ ମି ଦୌଡ, ସ୍ଲୋ ସାଇକିଲ ପ୍ରତିଯୋଗିତା ଅନୁଷ୍ଠିତ ହେବସଂଘ ର ସଭାପତି ଲିଙ୍ଗରାଜ ପୋଡ଼, ସଂପାଦକ ତୁଲାଚନ୍ଦ୍ର ପୋଡ଼, କୋଷାଧ୍ୟକ୍ଷ ରଞ୍ଜନ ଭାଟି ଓ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ ରେଫରି ଦୁଷ୍ମନ୍ତ ସାହୁ, ଲାଇନ ମ୍ୟାଚ ଡିସେମ୍ବର ଭୋଇ, ବୁଲୁ ମାଝୀ ଓ ଦୁଷ୍ମନ୍ତ ବେହେରା ଖେଳ ପରିଚାଳନା କରିଥିଲେ।

# ଟ୍ରିପଲ 'ଏ' ରେ ବାର୍ଷିକ କ୍ରୀଡ଼ାଦିବସ ଉଦ୍‌ଯାପିତ




ଖୋର୍ଦ୍ଧା : ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ପ୍ରିଣ୍ଟ ଫେଷ୍ଟ ୨୦୨୫ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବରେ ସୁବର୍ଣ୍ଣପୁରର ମାନ୍ୟବର ଜିଲ୍ଲାପାଳ ନୃପରାଜ ସାହୁ ଯୋଗ ଦେଇଥିଲେ। ଆନ୍ତଃଜାତୀୟକ୍ରୀଡ଼ା ଓ ଅଲମ୍ପିକ ଗେମ୍ସର ଭାର ଉତୋଳନରେ ସ୍ୱର୍ଣ୍ଣପଦ ବିଜେତା କେ. ରବିକୁମାର ଓ ଓଡ଼ିଶାର ରଣଜୀ ଖେଳାଳୀ ସୂର୍ଯ୍ୟକାନ୍ତ ପ୍ରଧାନ ଅନ୍ୟତମ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂ ଓ ବିଦ୍ୟାଳୟର ଅଧକ୍ଷା ଡା. ଦିପ୍ତିମୟୀ ମହାନ୍ତି ଉପସ୍ଥିତ ରହି ସଭାର ଶୋଭା ବର୍ଦ୍ଧନ କରିଥିଲେ। ବିଦ୍ୟାଳୟର ସଂଗୀତ ବିଭାଗ ସଂଯୋଜନାରେ ଆବାହ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ଅତିଥିମାନେ ନିଜର ବକ୍ତବ୍ୟରେ କ୍ରୀଡ଼ାର ମହାନତା ପ୍ରତିପାଦନ କରିଥିଲେ।

ନିମନ୍ତ୍ରିତ ଅତିଥିମାନଙ୍କୁ ଫୁଲତୋଡ଼ା ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ପରେ ବିଭିନ୍ନ କ୍ରୀଡ଼ାରେ ବିଜେତା ମାନଙ୍କୁ ଫଳକ ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ କ୍ରୀଡ଼ାପତାକାକୁ ଅତିଥିମାନେ ଅବତରଣକରି ଖେଳ ସମାପ୍ତିର ଘୋଷଣା କରିଥିଲେ। ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ସ୍ନେହା ଓ ପ୍ରତ୍ୟାଶା ସଭାକାର୍ଯ୍ୟକୁ ସଂଯୋଜନା କରିଥିବା ବେଳେ ସଂଘର୍ଷଣ ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର କ୍ରୀଡ଼ା ମୁଖ୍ୟ ଚିରଞ୍ଜିତ ସିଠଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା।

## ସୟଦ ମୁସ୍ତାକ୍ ଅଲୀ ଟ୍ରଫି

# ୫ ବର୍ଷ ପରେ ବିପ୍ଳବଙ୍କୁ ନେତୃତ୍ୱ ଭାର

କଟକ,୨୦।୧୧ ଲକ୍ଷ୍ନୌରେ ଚଳିତ ମାସ ୨୬ ତାରିଖରୁ ଖେଳାଯିବାକୁ ଥିବା ଜାତୀୟ ଟ୍ୱେଣ୍ଟି-୨୦ ପ୍ରତିଯୋଗିତା ସୟଦ ମୁସ୍ତାକ୍ ଅଲୀ ଟ୍ରଫି ଲାଗି ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଏହି ୨୦ ଜଣିଆ। ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ନେତୃତ୍ୱ ମିଳିଛି। ସେ ୫ବର୍ଷ ପରେ ଏହି ସର୍ଟେଷ୍ଟ୍ ଫର୍ମାଟ୍‌ର ଅଧିନାୟକ ପଦକୁ ଫେରିଛନ୍ତି। ଏହି ଦଳରେ ୬ ଜଣ ନୂଆମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଚଳିତ ବର୍ଷ ପ୍ରଥମ ଶ୍ରେଣୀ ପଦାର୍ପଣକାରୀ ଅନୀଲ ପରିଡ଼ା, ବାଦଲ ବିଶ୍ୱାଳ ଓ ସୌରଭ ଗୌଡ଼ଙ୍କ ସହ ୧୭ ବର୍ଷୀୟ ରାଜ ଯାଦବ, ଦ୍ରୁତ ବୋଲର ଭଗୀଶ ଶର୍ମା ଓ ସେମ୍ୟରଞ୍ଜନ ଲେଙ୍କା।




ଓଡ଼ିଶା ଉଦ୍‌ଘାଟନୀ ଦିବସରେ କେରଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୮ରେ ଆନ୍ଧ୍ରପ୍ରଦେଶ, ୩୦ରେ ବିଦର୍ଭ, ଡିସେମ୍ବର ୨ରେ ଛତିଶଗଡ଼, ୪ରେ ରେଳବାଇ, ୬ରେ ଆସାମ ଓ ୮ରେ ମୁମ୍ବାଇ ବିପକ୍ଷରେ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବ ଏହି ପ୍ରତିଯୋଗିତାରେ ଭଲ କରିବାକୁ ଲକ୍ଷ୍ୟ ରଖିଥିବା ବିପ୍ଳବ ଆଶା ରଖିଛନ୍ତି ସେହିଭଳି ଆଇପିଏଲ୍‌ରେ କେଣସି ବୟସ ସୀମା ନଥିବାରୁ ନିଜ ପ୍ରଦର୍ଶନ ବଳରେ ସେ ପୁଣି ଥରେ ବିଶ୍ୱର ଏହି ଧନୀ ଲିଗ୍ ଖେଳିବାକୁ ଲକ୍ଷ୍ୟ ରଖିଥିବା କିଟ୍ ଷ୍ଟାଡିୟମ୍‌ରେ ନାଗାଲାଣ୍ଡକୁ ଓଡ଼ିଶା ହରାଇବା ପରେ କହିଛନ୍ତି।

ଓଡ଼ିଶା ଦଳ: ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ଆଶୀର୍ବାଦ ସ୍ୱାଇଁ (ଓ୍ୱିକେଟ୍‌ରକ୍ଷକ), ବିପ୍ଳବ ସାମନ୍ତରାୟ (ଅଧିନାୟକ), ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଶୁଭ୍ରାଂଶୁ ସେନାପତି, ଶୁଭମ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ପପୁ ରାୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି, ଅନିଲ ପରିଡ଼ା, ବାଦଲ ବିଶ୍ୱାଳ, ସୌରଭ ଗୌଡ଼ (ଓ୍ୱିକେଟ୍‌ରକ୍ଷକ), ରାଜ୍ ଯାଦବ, ଭଗୀଶ ଶର୍ମା ଓ ସେମ୍ୟରଞ୍ଜନ ଲେଙ୍କା।

# ବର୍ଷର ଶ୍ରେଷ୍ଠ ହକି ଅମ୍ପାୟାର ରଘୁ

ନୂଆଦିଲ୍ଲୀ: ଭାରତର ରଘୁ ପ୍ରସାଦ ଆରଭି ଚଳିତବର୍ଷ ଲାଗି ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ)ର ଶ୍ରେଷ୍ଠ ଅମ୍ପାୟାର ମନୋନୀତ ହୋଇଛନ୍ତି ଏପର୍ଯ୍ୟନ୍ତ ୧୯୮ ଅନ୍ତର୍ଜାତୀୟ ହକି ମ୍ୟାଚ୍‌ରେ ଅମ୍ପାୟାରିଂ କରି ସାରିଥିବା ରଘୁ ୨୦୧୫ ମସିହା ପରେ ଏଫଆଇଏଚ୍ ବର୍ଷର ଶ୍ରେଷ୍ଠ ଅମ୍ପାୟାର ପୁରସ୍କାର ଲାଭ କରିବାରେ ପ୍ରଥମ ଭାରତୀୟ ଓ ଏସୀୟ ହୋଇଛନ୍ତି ବେଙ୍ଗାଲୁରୁ ବାସିନ୍ଦା ରଘୁ ନିଜ ଅମ୍ପାୟାରିଂ ଜୀବନ ୨୦୦୧ ମସିହାରେ ଆରମ୍ଭ କରିଥିଲେ ଅନେକ ସ୍କୁଲ୍, କଲେଜ୍ ଓ ଲିଗ୍ ସ୍ତରୀୟ ପ୍ରତିଯୋଗିତାରେ ଅମ୍ପାୟାରିଂ କରିବା ପରେ ୨୦୦୩ ମସିହାରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ।ସେବେଠାରୁ ସେ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଦୁଇଟି ଏସୀୟ କ୍ରୀଡ଼ା (୨୦୧୮, ୨୦୨୨), ଚାରିଟି ବିଶ୍ୱକପ୍ (୨୦୧୦, ୨୦୧୪, ୨୦୧୮, ୨୦୨୩), ତିନିଟି ଅଲିମ୍ପିକ୍ସ (୨୦୧୨, ୨୦୨୦ ଓ ୨୦୨୪)ରେ ସଫଳତାର ସହ ଅମ୍ପାୟାରିଂ କରି ସାରିଛନ୍ତି ହକି ଅମ୍ପାୟାରିଂରେ ଲମ୍ବା ଅଭିଜ୍ଞତା ରଖିଥିବା ଭାରତୀୟ ଅମ୍ପାୟାରଙ୍କ ମଧ୍ୟରେ ସେ ହେଉଛନ୍ତି ଅନ୍ୟତମ ଏହି ସଫଳତା ଲାଗି ରଘୁଙ୍କୁ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି ଓ ସଂପାଦକ ଭୋଳାନାଥ ସିଂହ ଅଭିନନ୍ଦନ ଜଣାଇଛନ୍ତି।



## ଭୁବନେଶ୍ୱର ରଣଜୀ ପରେ....

# ଧାରା ଅତୁଟ ରଖିବା ଏକମାତ୍ର ଲକ୍ଷ୍ୟ: ଶୁଭ୍ରାଂଶୁ


ଭୁବନେଶ୍ୱର,୨୦।୧୧: ଚଳିତ ଋତୁରେ ଆମେ ଆଶାଜନକ ସଫଳତା ପାଇ ନଥିଲୁ। ଏଣୁ ବିଜୟ ପାଇଁ ବେଶ୍ ଭୋକିଲା ଥିଲୁ ଘରୋଇ ପରିବେଶରେ ସେହି ପ୍ରତୀକ୍ଷିତ ଲକ୍ଷ୍ୟ ହାସଲ କରିଥିବାରୁ ଆତ୍ମସନ୍ତୋଷ ମିଳିଛି ଆତ୍ମବିଶ୍ୱାସ ବି ବଢ଼ିଛି । ଅବଶିଷ୍ଟ ଦୁଇ ମ୍ୟାଚ୍‌ରେ ଆମେ ଏହି ଧାରା ବଜାୟ ରଖି ସମ୍ମାନର ସହ ଋତୁ ଶେଷ କରିବାକୁ ଚାହିବୁ ।ଦଳଗତ ଭାବେ ଆଶ୍ୱସ୍ତ ହେବା ସହ ବ୍ୟକ୍ତିଗତ ଭାବେ ଖେଳାଳିମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢ଼ିଛି । ଆଗାମୀ ଦୁଇ ମ୍ୟାଚ୍‌କୁ ଆଉ ମାସାଧିକ କାଳ ଥିବାରୁ କଣ ତ୍ରୁଟି ରହିଲା, ଆଉ କେମିତି ସୁଧାର ଆସିପାରିବ ତାର ପୁଙ୍ଖାନୁପୁଙ୍ଖ ତର୍ଜମା କରିବାର ସୁଯୋଗ ରହିବ। ଅନୀଲ ପରିଡ଼ା ନିଜ ଦ୍ୱିତୀୟ ମ୍ୟାଚ୍‌ରେ ଶତକ ଅର୍ଜନ କରିବା ଅଧିକ ଖୁସି ଦେଇଛି। ସ୍ୱସ୍ତିକ ମଧ୍ୟ ଭଲ ପାଳି ଖେଳିଲେ। ମୁଁ ଶତକ ହାସଲ କରିବା ମଧ୍ୟ ଭଲ କଥା। ତେବେ ପ୍ରତ୍ୟାବର୍ତ୍ତନରେ ଲଡୁଆ। ପ୍ରଦର୍ଶନ ପାଇଁ ବିପ୍ଳବ ସାମନ୍ତରାୟଙ୍କୁ ମୁଁ ଧନ୍ୟବାଦ ଦେବି। ଅନିଲ ଓ ତାଙ୍କ ମଧ୍ୟରେ ହୋଇଥିବା ଦ୍ୱିଶତକୀୟ ଭାଗୀଦାରି ପରେ ହିଁ ମ୍ୟାଚ୍ ଆମ ଆଡ଼କୁ ଏକପ୍ରକାର ଢଳି ଯାଇଥିଲା ।ରଣଜୀ ଦଳକୁ ଫେରି ୯୨ ରନ୍‌ର ସାହସୀ ପାଳି ଖେଳିଥିବା ବିପ୍ଳବ ମଧ୍ୟ ନିଜ ପ୍ରଦର୍ଶନରେ ଖୁସି ଅଛନ୍ତି ।ଓପିଟିଏଲ୍‌ରେ ମୁଁ ଭଲ କରିଥିଲି। ମୋ ଉପରେ ଯେବେବି ଚୟନକର୍ତ୍ତା ଆସ୍ଥା ପ୍ରକଟ କରିବେ। ସେବେ ନିଜର ଶତପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି ବୋଲି ସେ କହିଥିଲେ।

# ଅନେକ ସକାରାତ୍ମକ ଶିକ୍ଷା ନେଇଛୁ: ଦେବାଶିଷ

ଭୁବନେଶ୍ୱର,୨୦।୧୧: ନାଗାଲାଣ୍ଡ ପ୍ଲେଟ୍ ଗ୍ରୁପ୍‌ରୁ ଆସି ଏଲିଟ୍ ଗ୍ରୁପ୍‌ରେ ଖେଳୁଛି। ଭଲ କଥା ହେଲା ଆମେ ପୂରା ମ୍ୟାଚ୍‌ରେ ଲଢ଼େଇ କରିଛୁ। ଏମିତି ନୁହେଁ ଯେ ଏକବାର ଆତ୍ମସମର୍ପଣ କରିଦେଇଛୁ। ଏଣୁ ଏଠାରୁ ଅନେକ ସକାରାତ୍ମକ ଶିକ୍ଷା ନେଇ ଯାଉଛୁ। ମୁଁ ଭାବୁଛି ପ୍ରଥମ ପାଳିରେ ଓଡ଼ିଶା ୩୪ ରନ୍‌ରେ ୪ ଓ୍ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା ବେଳେ ବିପ୍ଳବ ଓ ଅନିଲଙ୍କୁ ୧୭୯ ରନ୍‌ର ଭାଗୀଦାରି କରିବାର ସୁଯୋଗ ଦେବା ଏବଂ ଆମେ ଗୋଟିଏ ଓଭରରେ ତିନିଟି ଓ୍ୱିକେଟ୍ ହରାଇବା ମ୍ୟାଚ୍‌ର ଟର୍ଣ୍ଣିଂ ପଏଣ୍ଟ୍ ଥିଲା ବୋଲି ନାଗାଲାଣ୍ଡ ପ୍ରଶିକ୍ଷକ ତଥା ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି କହିଥିଲେ। ଏହି ଦଳର ଯୁବ ଅଧିନାୟକ ରଙ୍ଗସେନ୍ ଜୋନାଥନ କହିଥିଲେ, ଆମେ ଏଭଳି ଉଚ୍ଚମାନର ବୋଲିଂ ଖେଳିବାରେ ଅଭ୍ୟସ୍ତ ନୁହଁ। ଓଡ଼ିଶା ଖେଳାଳିମାନେ ଚମତ୍କାର ବୋଲିଂ କରି ଆମକୁ ପ୍ରତି ମୁହୂର୍ତ୍ତରେ ପରୀକ୍ଷାରେ ପକାଇଥିଲେ ଆମ ଖେଳାଳିମାନେ କିନ୍ତୁ ଏଠାରୁ ଅଭୁଲା ଅଭିଜ୍ଞତା ନେଇ ଫେରୁଛନ୍ତି ।

# ଟେନିସ ହଲ୍ ଅଫ୍ ଫେମ୍‌ରେ ସାମିଲ ହେବେ ଫେଡେରର

ପ୍ୟାରିସ୍,୨୦।୧୧: ସ୍ୱିଜରଲାଣ୍ଡର ଟେନିସ୍ କିମ୍ବଦନ୍ତୀ ରୋଜର ଫେଡେରରଙ୍କୁ ଆସନ୍ତା



ବର୍ଷ ଅଗଷ୍ଟରେ ନ୍ୟୁପୋର୍ଟଠାରେ ଇଣ୍ଟରନ୍ୟାଶନାଲ ଟେନିସ୍ ହଲ୍ ଅଫ୍ ଫେମ୍ (ଆଇଟିଏଚ୍‌ଏଫ୍)ରେ ସାମିଲ କରାଯିବ ଏ ନେଇ ଆଇଟିଏଚ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଫେଡେରରଙ୍କ ନାମରେ ୨୦ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ରହିଛି। ପ୍ରଥମ ପୁରୁଷ ଖେଳାଳି ଭାବେ ସେ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହ ମୋଟ୍ ଉପରେ ୧୦୩ ଟାଇଟଲ ସହିତ ୨୦୨୨ରେ କ୍ୟାରିୟର ଶେଷ କରିଥିଲେ। ସେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ରେକର୍ଡ ଲଗାତର ୨୩୭ ସପ୍ତାହ ଧରି ନଂ.୧ ର୍‍ୟାଙ୍କ୍ ଅଧିକାର କରିଥିଲେ।

# ମିନି ନିଲାମିରେ କାହାର ଡିମାଣ୍ଡ ରହିବ ଅଧିକ

ନୂଆଦିଲ୍ଲୀ,୨୦।୧୧: ଏଥର ୨୦୨୬ ନିଲାମ ଏକ ବଡ଼ ଚର୍ଚ୍ଚାର ବିଷୟ ହେବ ବୋଲି ସ୍ଥିର ହୋଇଛି। ଆନ୍ଦ୍ରେ ରସେଲଙ୍କଠାରୁ ଆରମ୍ଭ କରି ଗ୍ଲେନ ମ୍ୟାକ୍ସୱେଲଙ୍କ ପର୍ଯ୍ୟନ୍ତ, ଛଅ ଜଣିଆ। ମହାନ ଖେଳାଳି ନିଲାମରେ ସାମିଲ ହୋଇପାରନ୍ତି। ମୋଟ ୭୭ଟି ସ୍ଲଟ ଉପଲବ୍ଧ ହେବ ଏବଂ ଦଳଗୁଡ଼ିକ ମୋଟ ୨୩୭.୫୫ କୋଟି (ପ୍ରାୟ ୧.୫ ବିଲିୟନ ଡଲାର) ବାକି ଅଛି ସ୍ପଷ୍ଟ ଭାବରେ, ନିଲାମରେ ଖେଳାଳିମାନଙ୍କ ପାଇଁ ବହୁତ ଟଙ୍କା ଖର୍ଚ୍ଚ ହେବ। ମେଗା ନିଲାମରେ ରିଷଭ ପନ୍ତଙ୍କ ସମେତ ତିନି ଜଣ ଖେଳାଳି ୨୦ କୋଟି (ପ୍ରାୟ ୨.୫ ବିଲିୟନ ଡଲାର)ରୁ ଅଧିକ ନିଲାମ ପାଇଥିଲେ। ଏଥର ମଧ୍ୟ, କେତେଜଣ ଖେଳାଳି ନିଲାମରେ ରହିପାରନ୍ତି, ଯାହା ଏକ ନିଲାମ ଯୁଦ୍ଧ ସୃଷ୍ଟି କରିବାର ସମ୍ଭାବନା ସୃଷ୍ଟି କରିଥାଏ।

ଆନ୍ଦ୍ରେ ରସେଲ ତାଙ୍କ କ୍ୟାରିଅରରେ ୨୬୫୧ ରନ ଏବଂ ୧୨୩ ଓ୍ୱିକେଟ ସଂଗ୍ରହ କରିଛନ୍ତି ।କୋଲକାତା ନାଇଟ ରାଇଡର୍ସ ପାଇଁ ୧୨ ସିଜିନ ଖେଳିଥିବା ରସେଲଙ୍କୁ ଏଥର ଫ୍ରାଞ୍ଚାଇଜ ଦ୍ୱାରା ମୁକ୍ତ କରାଯାଇଛି ।ରସେଲ ଜଣେ ଭଲ ଫିଲ୍ଡର, ଦଳକୁ ପ୍ରାୟତଃ ଓ୍ୱିକେଟ ଯୋଗଦାନ ଦେଉଛନ୍ତି, ଏବଂ ତାଙ୍କର ବଡ଼ ସଟ ମାରିବାର କ୍ଷମତା ସାରା ବିଶ୍ୱରେ ଜଣାଶୁଣା। ନିଲାମରେ ରସେଲଙ୍କ ପରି ଜଣେ ମହାନ ଖେଳାଳିଙ୍କୁ ସାମିଲ କରିବା ଅର୍ଥ ହେଉଛି ନିଲାମ ଯୁଦ୍ଧ ପ୍ରାୟ ନିଶ୍ଚିତ।

ଅଷ୍ଟ୍ରେଲିୟ ଅଲରାଉଣ୍ଡର କାମେରନ ଗ୍ରୀନ ଏକ ଦାବିଦାର ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି। ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା ଭବିଷ୍ୟବାଣୀ କରିଛନ୍ତି ଯେ ନିଲାମରେ ଗ୍ରୀନଙ୍କ ଚାହିଦା ଅଧିକ ହୋଇପାରେ। ଗ୍ରୀନ ଭଲ ଫର୍ମରେ ଅଛନ୍ତି, ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶତକ ମାରିଛନ୍ତି ଏବଂ ଟି-୨୦ ଆନ୍ତର୍ଜାତୀୟରେ ୧୬୦ରୁ ଅଧିକ ଷ୍ଟ୍ରାଇକ ରେଟ ଗର୍ବ କରନ୍ତି ।ନିଲାମ ପ୍ରାୟତଃ ଅପ୍ରତ୍ୟାଶିତ ଉପାୟରେ ପ୍ରକାଶିତ ହୋଇପାରେ ଗତ ଥର, ଭେଙ୍କଟେଶ ଆୟରଙ୍କ ପାଇଁ ନିଲାମ ୨୩.୭୫ କୋଟି (ପ୍ରାୟ ୨.୩୭୫ ମିଲିୟନ) ପର୍ଯ୍ୟନ୍ତ ପହଞ୍ଚିଥିଲା। ମାଥିଶା ପାଥିରାନାଙ୍କ ପରି ଜଣେ ଯୁବ ଦ୍ରୁତ ବୋଲରଙ୍କ ପାଇଁ ମଧ୍ୟ ଉଚ୍ଚ ନିଲାମ ପାଇବାର ସମ୍ଭାବନା ରହିଛି ।ତଥାପି, ଚେନ୍ନାଇ ସୁପର କିଙ୍ଗସ ଏବଂ କୋଲକାତା ନାଇଟ ରାଇଡର୍ସ ପାଖରେ ସର୍ବାଧିକ ଟଙ୍କା ବାକି ଅଛି, ଏବଂ ଡେଭିଡ ମିଲରଙ୍କ ପରି ଜଣେ ଫିନିସରଙ୍କ ଯୋଗଦାନ ସେମାନଙ୍କ ଦଳକୁ ମଜବୁତ କରିବ। ବିଶେଷକରି ବର୍ତ୍ତମାନ ଫିନିସର ବିନା ରହିଛି ତେଣୁ, କୋଲକାତା ମିଲରଙ୍କ ପାଖକୁ ଯାଇପାରେ, ଏବଂ ଯଦି ନିଲାମ ଯୁଦ୍ଧରେ ସାମିଲ ହୁଏ ତେବେ ଏହା ଆଶ୍ଚର୍ଯ୍ୟଜନକ ହେବ ନାହିଁ।।

# ବାନ୍ଧବୀଙ୍କ ସହ ନିର୍ବନ୍ଧ କଲେ ପାଣ୍ଡ୍ୟା !

ମୁମ୍ବାଇ,୨୦।୧୧: ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅଭିନେତ୍ରୀ-ମଡେଲ ମାହିକା ଶର୍ମା ଏବେ ଖୋଲାଖୋଲି ଭାବରେ ପରସ୍ପରକୁ ଡେଟ୍ କରୁଛନ୍ତି ଏହି ଦମ୍ପତି ଲଗାତାର ସୋସିଆଲ ମିଡିଆରେ ସେମାନଙ୍କର ପ୍ରେମଭରା ଫଟୋ ଶେୟାର କରୁଛନ୍ତି। କିନ୍ତୁ ଏହି ସମସ୍ତ ସୁନ୍ଦର ଫଟୋ ମଧ୍ୟରେ, ଗୋଟିଏ ଜିନିଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ।ମାହିକାଙ୍କ ଆଙ୍ଗୁଠିରେ ଏକ ଚମକଦାର ହୀରା ମୁଦି, ଯାହା ଗୁଜବ ସୃଷ୍ଟି କରିଛି ଯେ ହାର୍ଦ୍ଦିକ ତାଙ୍କ ପ୍ରେମିକା ମାହିକାଙ୍କ ସହିତ ନିବନ୍ଧ କରିଛନ୍ତି।

ପ୍ରକୃତରେ, ହାର୍ଦ୍ଦିକ ନିକଟରେ ମାହିକା, ତାଙ୍କ ପୁଅ ଅଗସ୍ତ୍ୟ ଏବଂ ତାଙ୍କ ପାଳିତ କୁକୁର ସହିତ ତାଙ୍କର ବିଗ ୩ ଉତ୍ସବ ପାଳନ କରୁଥିବାର ଫଟୋ ପୋଷ୍ଟ କରିଛନ୍ତି ଗୋଟିଏ ଫଟୋରେ,



ଦମ୍ପତି ଏକାଠି ପୂଜା କରୁଥିବାର ଦେଖାଯାଉଛି, ଏବଂ ମାହିକା ତାଙ୍କ ବାମ ଆଙ୍ଗୁଠିରେ ଏକ ଚମକଦାର ହୀରା କିଙ୍ଗ ସାଇଜ ମୁଦି ପିନ୍ଧିଥିବାର ଦେଖାଯାଉଛି।

ଏହା ପରେ, ସୋସିଆଲ ମିଡିଆ। ବ୍ୟବହାରକାରୀମାନେ ତୁରନ୍ତ ଅନୁମାନ କରିବା ଆରମ୍ଭ କରିଦେଲେ ଯେ ଏହି ଦମ୍ପତି ନିର୍ବନ୍ଧ କରିସାରିଛନ୍ତି। ଏହି ଫଟୋଗୁଡ଼ିକରେ ଉଭୟ ପାରମ୍ପରିକ ପୋଷାକରେ ଦେଖାଯାଇଛନ୍ତି। ଗୋଟିଏ ଫଟୋରେ ହାର୍ଦ୍ଦିକ ମାହିକାଙ୍କୁ ଗାଲରେ ଚୁମ୍ବନ ଦେଉଥିବାର ମଧ୍ୟ ଦେଖାଯାଇଛି। ଏହା ଉଲ୍ଲେଖନୀୟ ଯେ କିଛି ଦିନ ପୂର୍ବରୁ ମାହିକା ନିଜେ ଏକ ଫଟୋ ଶେୟାର କରିଥିଲେ, ଯେଉଁଥିରେ ତାଙ୍କ ବାମ ହାତରେ ଏକ ମୁଦି ସ୍ପଷ୍ଟ ଭାବରେ ଦେଖାଯାଉଥିଲା ବର୍ତ୍ତମାନ, ହାର୍ଦ୍ଦିକ କିମ୍ବା ମାହିକା ନିର୍ବନ୍ଧ ଗୁଜବ ଉପରେ ପ୍ରତିକ୍ରିୟା ଦେଇନାହାଁନ୍ତି।

# ଧାୱନଙ୍କ ସହ ବହୁତ ବଡ଼ ଫ୍ରଡ

ନୂଆଦିଲ୍ଲୀ,୨୦୧୧: ଭାରତୀୟ କ୍ରିକେଟର ଶିଖର ଧାୱନଙ୍କ ପରିଚାଳନା କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତେଶ ଶାହଙ୍କ ନାମ ଏକ ଏଫଆଇଆରରେ ରଖାଯାଇଛି। ଅମିତେଶ ଶାହ ମଧ୍ୟ ଏକ କମ୍ପାନୀ ଲେଗାକ୍ସିର ପ୍ରତିଷ୍ଠାତା ଏବଂ ସିଇଓ ଏସିଆ। କପ ସମୟରେ ଅନଧିକୃତ ବିଜ୍ଞାପନ ପାଇଁ ଅମିତେଶ ଜାଲ ଡକ୍ୟୁମେଣ୍ଟ ତିଆରି କରିଥିବା ଅଭିଯୋଗରେ ଗୁରଗାଁଉରେ ଏକ ଏଫଆଇଆର ରୁଜୁ ହୋଇଛି। ତାଙ୍କ ଉପରେ ଶିଖର ଧାୱନଙ୍କ ନାମର ଅପବ୍ୟବହାର ଏବଂ ତାଙ୍କୁ ଠକିବାର ଅଭିଯୋଗ ଅଛି ।ଅଭିଯୋଗ ଅନୁଯାୟୀ, ଶିଖର ଧାୱନଙ୍କ କମ୍ପାନୀ ଛାଡିବା ପରେ ମଧ୍ୟ ଅମିତେଶ ଶାହ ନିଜକୁ ଧାନଙ୍କ ଅଧିକୃତ ଏଜେଣ୍ଟ ବୋଲି ଦାବି କରି ଚଳିଥିଲେ। ସେ



ଚୁକ୍ତିନାମା ମଧ୍ୟ ଜାଲଆତ କରଥିଲେ, ଯାହାଦ୍ୱାରା ସେ ନିଜକୁ ଶିଖର ଧାୱନଙ୍କ ସହିତ ଜଡିତ ବୋଲି ଦର୍ଶାଇଥିଲେ। ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଅମିତେଶ ଶାହଙ୍କ ଉପରେ ଅନୁମତି ବିନା ଶିଖର ଧାନଙ୍କ ଫଟୋଗ୍ରାଫ ବ୍ୟବହାର କରିବା, ଏକ କ୍ରିକେଟ ଆବେଦନ ସହିତ ଅବୈଧ ଭାବରେ ମିଆଦ ଶେଷ ହୋଇଥିବା ବିଜ୍ଞାପନ ଚୁକ୍ତିନାମା ତିଆରି କରିବା ଏବଂ ମିଥ୍ୟା ଅଧିକାର ଅଧୀନରେ ଏକ ଚୁକ୍ତିନାମା ତିଆରି କରିବାର ମଧ୍ୟ ଅଭିଯୋଗ ଅଛି। ଅଭିଯୋଗରେ ଏହା ମଧ୍ୟ କୁହାଯାଇଛି ଯେ ଅମିତେଶ ଶିଖର ଧାନ ଏବଂ ତାଙ୍କ ପରିଚାଳନା ଦଳକୁ ନ ଜଣାଇ ପ୍ରାୟ ୪୦ ଲକ୍ଷ ଅନ୍ୟ ଏକ କମ୍ପାନୀକୁ ସ୍ଥାନାନ୍ତର କରିଛନ୍ତି ପୋଲିସ ଏହି ମାମଲାରେ ଜଡିତ ଆର୍ଥିକ କାରବାର, ଯୋଗାଯୋଗର ପଥ ଏବଂ ଚୁକ୍ତିନାମା ଡକ୍ୟୁମେଣ୍ଟଗୁଡ଼ିକର ତଦନ୍ତ ଆରମ୍ଭ କରିଛି ।ଏହା ଉଲ୍ଲେଖ କରିବା ଉଚିତ ଯେ ଶିଖର ଧାୱନଙ୍କ ନାମ ସମ୍ପ୍ରତି ଏକ ଅନଲାଇନ ବେଟିଂ କମ୍ପାନୀକୁ ପ୍ରୋତ୍ସାହିତ କରିବା ମାମଲାରେ ସାମ୍ନାକୁ ଆସିଥିଲା। ଏହି ମାମଲାରେ, ଶିଖର ଧାନ ଏବଂ ସୁରେଶ ରାଇନାଙ୍କର ପ୍ରାୟ ୧୧ କୋଟି ମୂଲ୍ୟର ସମ୍ପତ୍ତି ଜବତ କରାଯାଇଥିଲା ଏଥିରେ ଧାନଙ୍କ ୪.୫ କୋଟି ମୂଲ୍ୟର ସ୍ଥାବର ସମ୍ପତ୍ତି ଅନ୍ତର୍ଭୁକ୍ତ।

## ସଂସଦୀୟ ଖେଳ ମହୋତ୍ସବ

ଅନୁଗୁଳ,୨୦।୧୧ :ଆଜି ସଂସଦୀୟ ଖେଳ ମହୋତ୍ସବ ୨୦୨୫ ବଣ୍ଟଁରପାଳ ଏବଂ ଅନୁଗୁଳ ବ୍ଲକ ଉଦ୍ଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ମାନ୍ୟବର ସାଂସଦ ଢେଙ୍କାନାଳ ରୁଦ୍ରନାରାୟଣ ପାଣି, ମାନ୍ୟବର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମାୟାଧର ବେହେରା ଉପଜିଲ୍ଲାପାଳ ଅନଗୁଳ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଅନଗୁଳ, ବିଡ଼ିଓ ଅନଗୁଳ ଡକ୍ଟର ବିଶ୍ୱଭୂଷଣ, ବିଡ଼ିଓ ବଣ୍ଟଁରପାଳ ଲୋଚନ ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ବିନୋଦ ଚନ୍ଦ୍ର ଦେହୁରୀ ଉପସ୍ଥିତ ଥିଲେ, ଅନୁଗୁଳ ବ୍ଲକ ରେ ଖେଳ ପଡିଆ। ଏବଂ ବଣ୍ଟଁରପାଳ ବ୍ଲକ ର ପଡ଼ିଆ। ଥରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଖେଳ ଗୁଡ଼ିକୁ ଉଭୟ ବ୍ଲକ ର ଖେଳ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିଲେ ।

# ଗୁଆହାଟୀରେ ଶୁବମନ ଗିଲ୍

ଗୁଆହାଟୀ,୨୦।୧୧: ଆସନ୍ତା ୨୨ ତାରିଖରୁ ବର୍ଷାପାରା ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଅନ୍ୟ ଖେଳାଳିଙ୍କ ସହ ଗୁଆହାଟୀରେ ପହଞ୍ଚିଛନ୍ତି । ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାନ୍ତି। ଏଣୁ ମ୍ୟାଚ୍ ଶନିବାର ଆରମ୍ଭ ହେବାକୁ ଥିବାରୁ ତାଙ୍କୁ ଶୁକ୍ରବାର ସୁଦ୍ଧା ଟ୍ରେନିଂ ସେସନରେ ନିଜ ଫିଟ୍‌ନେସ୍‌ର ପ୍ରମାଣ ଦେବାକୁ ପଡ଼ିବ। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗିଲ୍ ୧୦୦% ଫିଟ୍‌ନେସ୍‌ଠାରୁ ଖୁବ୍ ଦୂରରେ ଅଛନ୍ତି ।ତାଙ୍କ ବେକରେ ଏବେ ବି ଯନ୍ତ୍ରଣା ରହିଛି ହେଲେ ତାହାର ତୀବ୍ରତା ପୂର୍ବ ଅପେକ୍ଷା କମ୍ ରହିଛି। ଏବେ ରିକଭର କରୁଛନ୍ତି ତାଙ୍କ ଉପରେ ବିସିସିଆଇ ମେଡିକାଲ ଦଳ ନଜର ରଖିଛି। ଦ୍ୱିତୀୟ ଟେଷ୍ଟରେ ସେ ଖେଳିବେ କି ନା, ସେନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। କହିଛନ୍ତି। ତେବେ ସେ ମେଡିକାଲ ରିପୋର୍ଟରେ ଫିଟ୍ ହୋଇପାରନ୍ତି। କିନ୍ତୁ ୫ ଦିନିଆ। କଷ୍ଟକର ଟେଷ୍ଟ ମ୍ୟାଚ୍ ତାଙ୍କ ସମସ୍ୟାକୁ ବଢ଼ାଇ ଦେଇପାରେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ